### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶଯ୍ୟାଶାୟୀ ବଟକୃଷ୍ଣ

# ସାହାଯ୍ୟ ବଦଳରେ ଛଟେଇ; ପଞ୍ଚାୟତବାସୀଙ୍କ ଆନ୍ଦୋଳନ

ଅସ୍ତରଙ୍ଗ,୨।୫(ସମିସ)





ଟାଟା ପାୱାର ବିଦ୍ୟୁତ୍ କମ୍ପାନୀର ମନମାନି ଆଜି ପର୍ଯ୍ୟନ୍ତ କମିବାର ନାଁ ଧରୁନି। କେତେବେଳେ ଘନଘନ ବିଦ୍ୟୁତ୍ କାଟ୍‌ର ସମସ୍ୟା ତ ଆଉ କେତେବେଳେ ମିଟର ଓ ବିଦ୍ୟୁତ୍ ବିଲ୍‌କୁ ନେଇ ସମସ୍ୟା ସୃଷ୍ଟି କରିଛି। କିନ୍ତୁ ଏବେ ଅସ୍ତରଙ୍ଗ ଅଞ୍ଚଳରେ ଟାଟା କମ୍ପାନୀ ବିରୋଧରେ ଆସିଛି ଏକା ଅଭାବନୀୟ ଓ ସ୍ୱାର୍ଥପରତାର ଅଭିଯୋଗ। ଜନୈକ ବ୍ୟକ୍ତି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବାବେଳେ ସେଠାରୁ ପଡ଼ି ସେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ପରିପ୍ରେକ୍ଷୀରେ କମ୍ପାନୀ ତାଙ୍କୁ ଅନୁକମ୍ପା ଦେଖାଇବା ବଦଳରେ ଛଟେଇ କରିଥିବାରୁ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୧ ତାରିଖରେ ଟାଟାର ବିଜିନେସ୍ ଆସୋସିଏଟ୍ ଅଧୀନରେ ଅସ୍ତରଙ୍ଗ ବ୍ଲକ୍ ନୂଆଗଡ଼ ଗ୍ରାମର ବଟକୃଷ୍ଣ ବେହେରା ନାମକ ଜଣେ ବିଦ୍ୟୁତ୍ କର୍ମଚାରୀ ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ମରାମତି କାମ କରୁଥିବା ସମୟରେ ବିଭାଗର ଭୁଲ୍ ନିଷ୍ପତ୍ତି କାରଣରୁ ବିଦ୍ୟୁତ୍ ଆଘାତ ପାଇ ଖୁଣ୍ଟରୁ ତଳକୁ ଖସିପଡ଼ିଥିଲେ। ଖୁଣ୍ଟରୁ ଖସିପଡ଼ିବା ଦେଖି ତାଙ୍କୁ ସହଯୋଗୀ କର୍ମଚାରୀମାନେ ଆଣି ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ଜୀବନ ବଞ୍ଚିଥିଲା ସତ ମାତ୍ର ମେରୁଦଣ୍ଡ ଏବଂ ଶରୀରର ଅନେକ ଜାଗାରେ ଆଘାତ ଲାଗିବା କାରଣରୁ ସେ ବର୍ତ୍ତମାନ ଶଯ୍ୟାଶାୟୀ। ଏହି ଦୁଃଖଦ ସମୟରେ କମ୍ପାନୀ ନିଜ କର୍ମଚାରୀର ଚିକିତ୍ସା ଏବଂ ଥଇଥାନ କରିବା ବଦଳରେ ବାଟକୃଷ୍ଣଙ୍କୁ ଛଟେଇ କରିବା ପାଇଁ ଆସିଛି ଟର୍ମିନେଟ୍ ନୋଟିସ୍। ଯାହା ଅତ୍ୟନ୍ତ ସମ୍ବେଦନଶୀଳ କଥା। ବଟଙ୍କ ପାଖକୁ କମ୍ପାନୀ ପକ୍ଷରୁ ଏହି ଟର୍ମିନେସନ ନୋଟିସ୍ ଆସିଥିବା ଜଣାପଡ଼ିବା ପରେ ଏହାକୁ ପ୍ରତିବାଦ କରି ତାଙ୍କ ଗ୍ରାମ ନୂଆଗଡ଼ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଏକାଠି ହୋଇ ଅସ୍ତରଙ୍ଗ ଉକୁଳେଇସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଫାଟକ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରି ୪ ଦଫା ଦାବି ସମ୍ବନ୍ଧୀୟ କମ୍ପାନୀ ତରଫରୁ ବଟଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବା, ବଟକୃଷ୍ଣଙ୍କୁ ଦିଆଯାଇଥିବା ଟର୍ମିନେସନ ଲେଟର ପ୍ରତ୍ୟାହାର କରିବା, କମ୍ପାନୀରେ ତାଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଏବଂ ଏହି ବିପଦ ସମୟରେ ତାଙ୍କ ପରିବାର ପ୍ରତିପୋଷଣ ପାଇଁ ପୂର୍ବରୁ ମିଳୁଥିବା ଦରମାକୁ ନିୟମିତ କରିବା ଏକ ଦାବିପତ୍ର ବିଭାଗୀୟ ଅଧିକାରୀ ସନ୍ତୋଷ କୁମାର ବେଉରାଙ୍କୁ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ବଟ ଟାଟା କମ୍ପାନୀ ପାଇଁ କାମ କରୁଥିଲେ, ବିଭାଗର ଭୁଲ୍ ପାଇଁ ସେ ବିଦ୍ୟୁତ୍ ଆଘାତ ପାଇ ଏବେ ଅସୁସ୍ଥ ଅଛନ୍ତି। ମାତ୍ର କମ୍ପାନୀ ତାଙ୍କୁ ଅନୁକମ୍ପା ବଦଳରେ ଚାକିରିରୁ ବାହାର କରିଛି ଯାହା ସମ୍ପୂର୍ଣ୍ଣ ରୂପେ ବେଆଇନ ଆଉ ଅମାନବିକତା ବୋଲି ନାରାବାଜି କରିଥିଲେ। ଆଗାମୀ ଦିନରେ ବଟଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ବିଭାଗୀୟ ଅଧିକାରୀ କହିଛନ୍ତି, ଗ୍ରାମବାସୀଙ୍କ ତରଫରୁ ଦିଆଯାଇଥିବା ଦାବିପତ୍ରରେ ହୋଇଥିବା ଦାବିଗୁଡ଼ିକୁ ବିଚାର କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ମ୍ୟାନେଜମେଣ୍ଟକୁ ପଠାଯାଇଛି।

## ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ
## ନନ୍ଦିନୀ ଦଳାଇ ବ୍ରହ୍ମଗିରି ବ୍ଲକ୍ ଟପ୍ପର

ବ୍ରହ୍ମଗିରି,୨।୫(ସମିସ): ଶନିବାର ପ୍ରକାଶ ପାଇଛି ମାଟ୍ରିକ୍ ପରୀକ୍ଷା ଫଳ। ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍‌ରେ ପ୍ରତିବର୍ଷ ଭଳି ଏବର୍ଷ ମଧ ଏ-୧ ପ୍ରଥମ ସ୍ଥାନରେ ୧୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବ୍ରହ୍ମଗିରି ହାଇସ୍କୁଲର ନନ୍ଦିନୀ ଦଳାଇ ସର୍ବମୋଟ୍ ୫୬୨ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଅତିବଡ଼ୀ ଜଗନ୍ନାଥ ଦାସ ହାଇସ୍କୁଲର ଲିପ୍ସା ନାୟକ ୫୪୯, ବ୍ରହ୍ମଗିରି ହାଇସ୍କୁଲର ସ୍ୱଙ୍ଗ ଶ୍ରୀକୃଷ୍ଣ ୫୪୯, ବିକେ ବାଳିକା ବିଦ୍ୟାପୀଠ ବେଣ୍ଟପୁରର ପ୍ରିୟଦର୍ଶିନୀ ୫୪୯, ଆମ୍ବପଦା ହାଇସ୍କୁଲର ସସ୍ମିତା ପ୍ରଧାନ ୫୪୩, ମିନୁ ଜେନା ୫୪୦, ରେବଣା ନୂଆଗାଁ ହାଇସ୍କୁଲର ସୁଭଦ୍ରା ୫୪୩, ସୁବ୍ରତ ୫୪୦, ବାଲ୍ମିକୀଶ୍ୱର ବିଦ୍ୟାପୀଠର ବିନାୟକ ୫୪୦, କୃଷକ ବିଦ୍ୟାପୀଠ ସୁନାମୁହିଁର ଲୋପାମୁଦ୍ରା ୫୪୦, ପୁଲେକଶ୍ୱରୀ ବିଦ୍ୟାପୀଠ ଗୋରୁଆଳର ଲକ୍ଷ୍ମୀପ୍ରିୟା ୫୪୦, ଐଶାନେଶ୍ୱର ବିଦ୍ୟାପୀଠ ବ୍ରହ୍ମଣିଆର ମାମୁନି ୫୪୦, ଭଗବତୀ ବିଦ୍ୟାପୀଠ କାହଲପଡ଼ାର ପ୍ରାପ୍ତି ଜେନା ୫୪୦ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ସବ୍ୟସାଚୀ ସେନାପତି ସତ୍ୟବାଦୀ ବ୍ଲକ୍ ଟପ୍ପର

ସାକ୍ଷୀଗୋପାଳ,୨।୫(ସମିସ): ଚଳିତ ବର୍ଷ ସତ୍ୟବାଦୀରେ ୧୫ ଜଣ ଛାତ୍ରଛାତ୍ରୀ ଏ-୧ରେ କୃତକାର୍ଯ୍ୟ ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୃତୀୟାଦେବ ବିଦ୍ୟାନିକେତନ, ଶୁକଳର ଛାତ୍ର ସବ୍ୟସାଚୀ ସେନାପତି ୫୫୧ ନମ୍ବର ରଖି ସତ୍ୟବାଦୀ ବ୍ଲକ୍ ଟପ୍ପର ହୋଇଛନ୍ତି। ସେହିଭଳି ଅନ୍ୟ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ହେଲେ ସେହି ତୃତୀୟା ଦେବ ବିଦ୍ୟାନିକେତନ ଛାତ୍ର ଜୟକୃଷ୍ଣ ମହାନ୍ତି ୫୪୦ ଓ ସତ୍ୟପ୍ରକାଶ ବାରିକ ୫୪୦ ନମ୍ବର ରଖିଛନ୍ତି। ଗୋପୀନାଥଦେବ ନୋଡାଲ ବିଦ୍ୟାପୀଠର ଛାତ୍ର ଅଭିଜିତ୍ ଖଟେଇ ୫୪୭, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର



ଛାତ୍ର ସୌମ୍ୟରଞ୍ଜନ ମହାନ୍ତି ୫୪୫, ରାୟ ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣଶ୍ରୀ ମିଶ୍ର ୫୪୦, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳର ଛାତ୍ରୀ ଲଭ୍‌ଲି ଭୋଇ ୫୪୦, ପିଏମ୍‌ଶ୍ରୀ ଜୟଦୁର୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱାଗତିକା ସ୍ୱାଇଁ ୫୪୨, ଚନ୍ଦ୍ରକାନ୍ତ ବେହେରା ୫୪୧ ନମ୍ବର ରଖିଛନ୍ତି। ସେହିପରି ମଠସାହି ହାଇସ୍କୁଲର ଆୟୁଷ ପ୍ରଧାନ ୫୪୫, ବୀରଗୋବିନ୍ଦପୁର ହାଇସ୍କୁଲର ଦିବ୍ୟଜ୍ୟୋତି ବରାଳ ୫୪୦, ଶ୍ରୀଜଗନ୍ନାଥ ବିଦ୍ୟାପୀଠ ଦାଙ୍ଗୁରାର ଛାତ୍ର ସ୍ୱର୍ଣ୍ଣ ସମ୍ପୂର୍ଣ୍ଣ ସାହୁ ୫୪୪, ପଞ୍ଚସଖା ହାଇସ୍କୁଲ ମାଳସାହିର ଛାତ୍ର ସତ୍ୟଜିତ୍ ବାରିକ ୫୪୮, ଅଙ୍କିତ୍ କୁମାର ନନ୍ଦ ୫୪୦, ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲର ଛାତ୍ର ଚିନ୍ମୟ ମହାରଣା ୫୪୦ ନମ୍ବର ରଖିଛନ୍ତି।

## ଅଂଶୁମାନ ସାହୁ ନିମାପଡ଼ା ବ୍ଲକ୍ ଟପ୍ପର



ନିମାପଡ଼ା,୨।୫(ସମିସ): ଚଳିତ ମାଟ୍ରିକ୍ ପରୀକ୍ଷାରେ ନିମାପଡ଼ା ବ୍ଲକ୍‌ରେ ଏ-୧ରେ ୧୮ ଜଣ, ଏ-୨ରେ ୧୦୩ ଜଣ, ବି-୧ରେ ୨୩୫, ବି-୨ରେ ୪୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିମାପଡ଼ାର ଛାତ୍ର ଅଂଶୁମାନ ସାହୁ ୫୬୧ ନମ୍ବର ରଖି ବ୍ଲକ୍ ଟପ୍ପର୍ ହୋଇଛନ୍ତି। ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

## ରୁଦ୍ର ପ୍ରସାଦ କଣାସ ବ୍ଲକ୍ ଟପ୍ପର



କଣାସ,୨।୫(ସମିସ): ଶନିବାର ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। କଣାସ ବ୍ଲକ୍‌ରେ ବିଭିନ୍ନ ବିଦ୍ୟାଳୟରୁ ୧୨ ଜଣ ଛାତ୍ରଛାତ୍ରୀ ଏ-୧ରେ ପାସ୍ କରିଥିବା ଜଣାପଡ଼ିଛି। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ରୁଦ୍ର ପ୍ରସାଦ ସାହୁ ୫୭୪ ନମ୍ବର ରଖି କଣାସ ବ୍ଲକ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ କଣାସ ଉଚ୍ଚ ବିଦ୍ୟାଳୟର ସ୍ୱର୍ଣ୍ଣସ୍ମିତା ଦାସ ୫୫୪ ନମ୍ବର ରଖି ୨ୟ ସ୍ଥାନରେ ରହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୨।୫(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ କଳାମାଟି ଗ୍ରାମର ଆରାଧ୍ୟ ଠାକୁର ବାବା ଗ୍ରାମେଶ୍ୱର ମହାଦେବଙ୍କ ପୀଠରେ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ବ୍ରତଧାରୀମାନଙ୍କ ଦ୍ୱାରା କଳସ ଯାତ୍ରା ସମାପନ ସହିତ ତିନିଦିନ ଧରି ଅଙ୍କୁରୋପଣ, ଜଳଯାତ୍ରା, ସୂର୍ଯ୍ୟନାରାୟଣଙ୍କ ପୂଜାର୍ଚ୍ଚନା, ଚଣ୍ଡୀପାଠ, ରୁଦ୍ରାଭିଷେକ ଅନୁଷ୍ଠିତ ହେବା ସହ ୩୬ତମ ପ୍ରତ୍ୟେକ ଦିନ ସତ୍ୟନାରାୟଣ ପୂଜା ପାଲା ଗାୟକମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଦ୍ୱାରା ସମାବେଶରେ ଯଜ୍ଞ କମିଟି ସଭ୍ୟମାନଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା ହେଉଥିଲା। ସେହିପରି ତ୍ରିଲୋଚନପୁର ପଞ୍ଚାୟତର ନୂଆପଡ଼ା ଗ୍ରାମର ଆରାଧ୍ୟ ଠାକୁର ବାବା ବାଙ୍କେଶ୍ୱରଦେବଙ୍କ ପୀଠରେ ତିନି ଦିନ ଧରି ବିଶ୍ୱର କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରତିବର୍ଷ ପରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ ସଭାପତି ଧନେଶ୍ୱର ରାଉତ ଓ ଗ୍ରାମ୍ୟ କମିଟିର ସଭ୍ୟସଭ୍ୟା ଓ ଯୁବକମାନେ ସହାୟତା କରିଥିଲେ।

## ଜାଗ୍ରତ ଯୁବଶକ୍ତି ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ନିମାପଡ଼ା,୨।୫(ସମିସ): ନିମାପଡ଼ା ଜାଗ୍ରତ ଯୁବଶକ୍ତି ସଂଗଠନ ତରଫରୁ ନିମାପଡ଼ା ବ୍ଲକ୍‌ର ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଦାବିପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏହି ବ୍ଲକ୍‌ର ଅଲଣ୍ଡା ପଞ୍ଚାୟତ ତାଳତଅଁଳା ଗାଁର ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପ୍ରାୟ ୨୫୦ ଏକରରୁ ଅଧିକ ଧାନ ଫସଲ କାଣ୍ଡବିନ୍ଧା ପୋକ, ରୋଗ ଯୋଗୁଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସରକାରୀ ନିୟମାନୁଯାୟୀ ଉନ୍ନତମାନର ବିହନ, ଔଷଧ, ସାର ପିଡ଼ିଆ ବ୍ୟବହାର କରିଥିଲେ ସୁଦ୍ଧା ଚାଷୀମାନେ ପାଚିଲା ଧାନର ସୁରକ୍ଷା କରିପାରି ନାହାନ୍ତି। ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ବିଜୟାନନ୍ଦ ଦାସ, ଅଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଅଲଣ୍ଡା ପଞ୍ଚାୟତର ଚାଷୀ ନେତୃତ୍ୱ ସୁଶାନ୍ତ କୁମାର ନାୟକ, ପବିତ୍ର ବେହେରା, ସଞ୍ଜୀବ ରାୟ, ପ୍ରଦ୍ୟୁମ୍ନ ରାୟ, ବାଇନ ନାୟକ, ପ୍ରଭଞ୍ଜନ ବରାଳ, ଲିଙ୍ଗରାଜ ବରାଳ, ପ୍ରସନ୍ନ ବରାଳ, ରାଧାଶ୍ୟାମ ବିଶ୍ୱାଳଙ୍କ ସମେତ ଶତାଧିକ ଚାଷୀ ନିମାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କ ସହିତ ଆଲୋଚନା କରି ଦାବିପତ୍ର ଦେଇଛନ୍ତି। ରୋଗପୋକ ଯୋଗୁଁ କ୍ଷତିଗ୍ରସ୍ତ ଧାନର ଉଚିତ୍ ସର୍ବେକ୍ଷଣ କରି ସମସ୍ତ ଚାଷୀଙ୍କୁ ସଠିକ୍ ପରିମାଣର କ୍ଷତିପୂରଣ ପ୍ରଦାନ ଓ ସମସ୍ତ ଚାଷୀଙ୍କୁ ଫସଲ ବୀମାଭୁକ୍ତ କରିବା ଲାଗି ରାଜ୍ୟ ସରକାରଙ୍କୁ ଦୃଢ଼ ଦାବି ଜଣାଇଥିଲେ।

## ସିପିଆଇ ପକ୍ଷରୁ ଶ୍ରମିକ ଦିବସ ପାଳିତ

ନିମାପଡ଼ା,୨।୫(ସମିସ): ସ୍ଥାନୀୟ ସିପିଆଇ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏଥିରେ କୃଷ୍ଣ ଚନ୍ଦ୍ର ରାଉତ, ଦେବେନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ଶଙ୍କର ପରିଡ଼ା, କୃଷ୍ଣ ମୋହନ ବେହେରା, ଦଣ୍ଡପାଣି ସାହୁ, ମହେନ୍ଦ୍ର ବାରିକ, ସାଧୁ ପରିଡ଼ା, ରବୀନ୍ଦ୍ର ପ୍ରଧାନ, ସନ୍ତୋଷ ବେହେରା, ରବି ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରମିକମାନେ ବର୍ଷକ ବାରମାସ ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରା ବର୍ଷାରେ କାମ କରୁଛନ୍ତି। ତେଣୁ ଶ୍ରମିକମାନଙ୍କ ହକ୍‌କୁ ସରକାର ମାନିବାକୁ ଦାବି କରିଥିଲେ। ଏହି ଅବସରରେ ଦଳୀୟ କାର୍ଯ୍ୟାଳୟ ପରିସରରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ।



## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

କଣାସ,୨।୫(ସମିସ): କଣାସ ଥାନା ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ (୨୯)ଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବାରୁ ସେ ଗୁରୁତର ହୋଇ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ୍ୟୁଞ୍ଜୟ ଶନିବାର ସକାଳୁ କଣାସ ଗୋଲାବଜାର ମାଛ ବଜାରକୁ ମାଛ କିଣିବା ପାଇଁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ୫/୬ ଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କୁ ହାଣି ପକାଇଥିଲେ। ଫଳରେ ତାଙ୍କର ଡାହାଣ ହାତ, ଡାହାଣ ଗୋଡ଼, ବାମ ହାତ, ବାମ ଗୋଡ଼ କଟିଯାଇଥିଲା। ଆକ୍ରମଣ ଦେଖି ସେଠାରେ ଉପସ୍ଥିତ ମାଛ ବ୍ୟବସାୟୀ ଓ ଲୋକମାନେ ଭୟରେ ଜାଗା ଛାଡ଼ି ପଳାଇଥିଲେ। ସେ ଘଟଣାସ୍ଥଳରେ ଦୀର୍ଘ ୩୦ ମିନିଟ୍ ପଡ଼ିରହିବା ପରେ କଣାସ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଭାବେ ତାଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା କଣାସ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଖବର ପାଇ କଣାସ ଥାନା ଆଇଆଇସି ଶୁଭେନ୍ଦୁ ମହାନ୍ତି, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### 'ପଞ୍ଚସଖା ଶିକ୍ଷା ସେତୁ' ସଚେତନତା ଶିବିର

## ଗୋଷ୍ଠୀ ସହଭାଗିତାରେ ହେବ ବିଦ୍ୟାଳୟର ବିକାଶ



କୋଣାର୍କ,୨।୫(ସମିସ): ଶନିବାର ଗୋପ ବ୍ଲକ୍ ତଥା କୋଣାର୍କ ଥାନା ଅନ୍ତର୍ଗତ ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟରର ୧୪ଟି ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷା ସେତୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ୍ବିଳିଗାଁ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପ୍ରାଥମିକ ବିଦ୍ୟାଳୟ, ରୁଦ୍ରାଣୀ ହାଇସ୍କୁଲ, ସିମିଳି ପିୟୁପିଏସ୍, ଶିରିପୁର ପିୟୁପିଏସ୍, ରୁଦ୍ରାୟଣୀ ନୋଡାଲ ୟୁପିଏସ୍, ଭୈରବ ନୋଡାଲ ୟୁପିଏସ୍, ମାଟିଆପଡ଼ା ଏନ୍‌ୟୁପିଏସ୍, କୁନଙ୍ଗ ପ୍ରକଳ୍ପ ପିଏସ୍, ବନାଖଣ୍ଡି ପିଏସ୍, ବାହାରଣା ପିଏସ୍, ପାଇକେରାପୁର ପିଏସ୍ ଓ ଖରାଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକମାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ପୁରାତନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ, ଅଭିଭାବକ, ଶିକ୍ଷାବିତ୍ ଓ ସମାଜସେବୀମାନେ ଯୋଗଦେଇଥିଲେ। ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତଙ୍କୁ ସଚେତନ କରାଯିବା ସହିତ ବିଦ୍ୟାଳୟର ଶୈକ୍ଷିକ ଓ ଭୌତିକ ପରିବେଶର ସମୁନ୍ନତି ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ନିବେଦନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ଆଲୁମ୍‌ନି କମିଟି ଓ ପଞ୍ଚସଖା ଶିକ୍ଷା ସେତୁ କମିଟି ଗଠନ କରାଯାଇଛି। ଗୋପ ବ୍ଲକ୍‌ର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷା ସେତୁ ସଚେତନତା ଶିବିର ଆୟୋଜିତ ହୋଇଛି। ଆଲୁମ୍‌ନି କମିଟି, ସମାଜସେବୀ ଓ କର୍ପୋରେଟ୍ ସଂସ୍ଥାଙ୍କ ଆର୍ଥିକ ସହଯୋଗରେ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କୁ ଖୁବ୍‌ଶୀଘ୍ର ପ୍ରସ୍ତାବ ଦିଆଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି ପ୍ରକାଶ କରିଛନ୍ତି।

## ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ସ ଅଫ୍ ରେକର୍ଡସ୍‌ରେ 'ଶ୍ରେୟାଂଶୀ'



ସାକ୍ଷୀଗୋପାଳ,୨।୫(ସମିସ): ନିଜର ବିଚକ୍ଷଣ ବୁଦ୍ଧି ଏବଂ ତତ୍କାଳ ସଠିକ୍ ଉତ୍ତର ଦେଇଥିବା ଅଢ଼େଇ ବର୍ଷର ଶିଶୁକନ୍ୟା ଶ୍ରେୟାଂଶୀ ପଣ୍ଡା ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ସ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦ ମାସର ଏହି ଶିଶୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବାବେଳେ ବର୍ତ୍ତମାନ ଭାରତର ୧୭ଟି ରାଷ୍ଟ୍ରୀୟ ପ୍ରତିକ ତ୍ୱରିତ ଚିହ୍ନିତ କରି ସଠିକ୍ ଉତ୍ତର ଦେବାରେ ସଫଳ ହୋଇଛନ୍ତି। ଯାହା ଆମ ଐତିହ୍ୟ, ସଂସ୍କୃତି ଓ ପରିଚୟକୁ ପ୍ରତିନିଧିତ୍ୱ କରିଥାଏ। ସେଗୁଡ଼ିକ ମଧ୍ୟରେ ଜାତୀୟ ପତାକା, ଜାତୀୟ ମୋହର, ଜାତୀୟ ପକ୍ଷୀ, ମୁଦ୍ରା, ନଦୀ, ପାଞ୍ଜି, ଜନ୍ତୁ, ଜଳଚର ଜନ୍ତୁ, ଗୀତ, ସଙ୍ଗୀତ, ଫଳ, ଫୁଲ ଆଦି ଅନ୍ତର୍ଭୁକ୍ତ ରହିଛି। ଏହି କୃତିତ୍ୱ ପାଇଁ ୱାର୍ଲ୍ଡ ରେକର୍ଡସ୍ ଅଫ୍ ଏକ୍ସଲେନ୍ସ ପ୍ରମାଣ ପତ୍ର ଓ ପଦକ ପ୍ରଦାନ ପୂର୍ବକ ଇଣ୍ଟରନ୍ୟାସ୍‌ନାଲ୍ ବୁକ୍ସ ଅଫ୍ ରେକର୍ଡସ୍‌ର ପ୍ରତିଷ୍ଠାତା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ଭିଗ୍ ଶିଶୁଟିକୁ ଉତ୍ସାହିତ କରିଛନ୍ତି। ସେହିପରି ସୁପର ଟାଲେଣ୍ଟେଡ୍ କିଡ୍ ପ୍ରତିଯୋଗିତାରେ ୩୫୦ଟି ବିଭିନ୍ନ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ସୁପର ଟାଲେଣ୍ଟେଡ୍ କିଡ୍ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ସତ୍ୟବାଦୀ ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର କୁନି ଝିଅ ଶ୍ରେୟାଂଶୀଙ୍କ ମାଆ ତପସ୍ୱିନୀ ପଣ୍ଡା ଓ ବାପା ଶିବଶଙ୍କର ପଣ୍ଡାଙ୍କ ପରିବାରରେ ଏଥିପାଇଁ ଖୁସିର ଲହରୀ ଖେଳିଯାଇଛି। ପୁରୀ ସହରରେ ରହୁଥିବା ଏହି ପରିବାରକୁ ବିଭିନ୍ନ ମହଲରୁ ଶିଶୁଟିର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ପହଞ୍ଚିବାରେ ଲାଗିଛି।

## ମା' ହରଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବ୍ରହ୍ମଗିରି,୨।୫(ସମିସ): ବ୍ରହ୍ମଗିରି ବ୍ଲକ୍ ରେବଣା ନୂଆଗାଁ ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ପରିସରରେ ମା' ହରଚଣ୍ଡୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇ ସୋମବାର ପୂର୍ଣ୍ଣାହୁତି ହେବ ବୋଲି ଜଣାପଡ଼ିଛି। ଏଥିନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପୁଷ୍କରିଣୀରୁ ଜଳ ଆଣି ମନ୍ଦିର ପରିସରରେ ପହଞ୍ଚିଥିଲେ। ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ୧୦ ବିଦ୍ୱାନ ପଣ୍ଡିତଙ୍କୁ ନେଇ ଯଜ୍ଞ କାର୍ଯ୍ୟ ପରିଚାଳନା କରାଯାଇଛି। ୧୦ ଜଣ ପୁରୋହିତ ସହଯୋଗ କରୁଛନ୍ତି। ୨୪ପ୍ରହର ନାମଯଜ୍ଞ ଆୟୋଜନ କରାଯାଇଛି। ସଂକୀର୍ତ୍ତନ ମଣ୍ଡଳୀ ନାମ ପରିବେଷଣ କରୁଛନ୍ତି। ଆନନ୍ଦ ବଜାରରେ ସଭିଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ବିଭିନ୍ନ ସ୍ଥାନରୁ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଜଗନ୍ନାଥପୁର ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବ ୪ ଦିନ ଧରି ଚାଲିବ।

## ଜମିବାଡ଼ି ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ; ମାଆ ଓ ଦୁଇ ଝିଅ ଆହତ

ନୟାହାଟ,୨।୫(ସମିସ): ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିବା ସମାଜରେ ନୂଆ କଥା ନୁହେଁ। ଏକ ଜମିଜମା ବିବାଦକୁ କେନ୍ଦ୍ରକରି ଘରେ ପଶି କିଛି ପୁରୁଷ ଲୋକ ବିଧବା ମାଆ ଓ ଦୁଇ ଝିଅଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିବା ଘଟଣା ନୟାହାଟ ଫାଣ୍ଡି ଅଞ୍ଚଳର ଓଟାଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ରକ୍ତାକ୍ତ ଅବସ୍ଥାରେ ମାଆ-ଝିଅ ତିନି ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଓଟାଙ୍ଗ ଗ୍ରାମର ବିଧବା ମହିଳା ତନୁ ସ୍ୱାଇଁଙ୍କ ସହିତ ପ୍ରହଲ୍ଲାଦ ଖଟୋଇ, ପ୍ରକାଶ ସ୍ୱାଇଁ ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା ଶନିବାର ତାଙ୍କର ମାପଚୁପ ହେବା ପାଇଁ ପୁଲିସ ମଧ୍ୟ ଯାଇଥିଲା। ଗୋଟିଏ ପକ୍ଷର ଅମିନ ନ ଆସିବାରୁ ମାପ କାର୍ଯ୍ୟ ବନ୍ଦ ରହିଥିଲା। ପୁଲିସ ଘଟଣାସ୍ଥଳରୁ ଆସିବା ପରେ ବିବାଦ ପ୍ଲଟ୍‌ରେ ଥିବା ନଡ଼ିଆ ଗଛରୁ ନଡ଼ିଆ ଝାଡ଼ିବା ଓ ସେହି ନଡ଼ିଆକୁ ତନୁ ଲତା ସ୍ୱାଇଁ ନେବାରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ତା'ପରେ ଖଟୋଇ ପରିବାର ତନୁ ସ୍ୱାଇଁଙ୍କ ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ ସେ କହିଥିଲେ ଯେ ଆହତ ମହିଳାମାନେ ଚିକିତ୍ସିତ ହେଉଛନ୍ତି, ମୋ ପାଖକୁ ଅଭିଯୋଗ ଆସିନାହିଁ, ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂର୍ବରୁ ଦୁଇ ପରିବାରଙ୍କ ନାମରେ ୧୦୭ ଦଫାରେ ମୋକଦ୍ଦମା ରହିଛି ବୋଲି ନୟାହାଟ ପୁଲିସ ସୂଚନା ଦେଇଛନ୍ତି।

## ନିମାପଡ଼ାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମ ଦିବସ

ନିମାପଡ଼ା,୨।୫(ସମିସ): ଶୁକ୍ରବାର ଅନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ନିମାପଡ଼ା ସହିଦ ଭବନ ପରିସରରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚଠାରେ ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ଶ୍ରମିକ ଏବଂ ତାଙ୍କ ପିଲାମାନେ ସମୁଦାୟ ୨୩୦୪ଜଣ ହିତାଧିକାରୀଙ୍କ ପାଇଁ ଶିକ୍ଷା ସହାୟତା ରାଶି, ବିବାହ ସହାୟତା ରାଶି, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପାଇଁ ମୋଟ୍ ୧୩ କୋଟି ୨୮ ଲକ୍ଷ ୫୦ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଛି। ଶ୍ରମ ଦିବସ ପାଳନ ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ବିଭାଗୀୟ ଶ୍ରମ ଆୟୁକ୍ତ ଚୌଧୁରୀ ସୁବ୍ରତ ଜେନା, ଜିଲ୍ଲା ସହ କୃଷି ଅଧିକାରୀ ପ୍ରଜ୍ଞା ପରମିତା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନିମାପଡ଼ା ତହସିଲ୍‌ଦାର୍ ଡ. ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ପ୍ରମୁଖ ଯୋଗଦେଇ ଶ୍ରମିକମାନେ ହେଉଛନ୍ତି ଜଣେ ଜଣେ ବିଶ୍ୱକର୍ମା ବୋଲି ମତବ୍ୟକ୍ତ କରିଥିଲେ। ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସରକାର ଏବଂ ଶ୍ରମିକମାନଙ୍କ ସରକାରୀ ସହାୟତା ପାଇବା ପାଇଁ ସେମାନଙ୍କ ମଧ୍ୟରେ କୌଣସି ମଧ୍ୟସ୍ଥି ରହିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଯେଉଁ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ୍ ପଡ଼ିଛନ୍ତି ତୁରନ୍ତ ସେମାନଙ୍କୁ ଚିହ୍ନଟ କରି ସରକାରୀ ସୁବିଧା ଯୋଗାଇଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜଳ ସମ୍ପଦ ବିଭାଗ ଦ୍ୱାରା ୫କୋଟି ୧୮ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସାମ୍ବାଦିକଙ୍କ ବିଭିନ୍ନ ଦାବିକୁ ସରକାର ପୂରଣ ନ କରିବା ପ୍ରତିବାଦରେ କଳାବ୍ୟାଜ୍ ପରିଧାନ କରିଥିବା ଉପମୁଖ୍ୟମନ୍ତ୍ରୀ ଦେଖିବାକୁ ପାଇଥିଲେ। ସାମ୍ବାଦିକଙ୍କ ଦାବି କିପରି ଯଥାଶୀଘ୍ର ପୂରଣ ହେବ ସେ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରିବି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ପାୟଲ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରମ ଆୟୁକ୍ତ ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




### କାଳବୈଶାଖୀର ତାଣ୍ଡବ

## ଧାନ ଫସଲ କ୍ଷତି; ଚିଲିକାରେ ବୁଡ଼ିଲା ଡଙ୍ଗା

ବ୍ରହ୍ମଗିରି,୨।୫(ସମିସ)



ଗୁରୁବାର ରାତିରେ ପୁରୀ ଜିଲ୍ଲାର ବ୍ରହ୍ମଗିରି ବ୍ଲକ୍ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା, ପବନ ତାଣ୍ଡବ ରଚିଛି। ଫଳରେ ପୁରୀ-ସାତପଡ଼ା ଜାତୀୟ ରାଜପଥ କଡ଼ରେ ଥିବା ବଡ଼ ବଡ଼ ଗଛମାନ ଭାଙ୍ଗି ଯାଇଥିବା ସହିତ କିଛି ଗଛ ମୂଳରୁ ଉପୁଡ଼ି ଧରାଶାୟୀ ହୋଇ ପଡ଼ିଛି। ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଦେଇଛି। ବିଭିନ୍ନ ସ୍ଥାନରେ ତାର ଛିଣ୍ଡିଯିବା ସହିତ ଖୁଣ୍ଟଗୁଡ଼ିକ ଭାଙ୍ଗିଯାଇଛି। ଯାହାଫଳରେ ଆଜି ବି କିଛି ଗ୍ରାମରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ସୃଷ୍ଟି ହୋଇଛି।

କାଳବୈଶାଖୀର ତାଣ୍ଡବ ଯୋଗୁଁ ଚାଷୀ କୂଳର ଅବସ୍ଥା ବିଶେଷ ଖରାପ ହୋଇପଡ଼ିଛି। କିଛି ଧାନ ଫସଲ କଟା ହୋଇଥିଲେ ମଧ୍ୟ ଅମଳ ଧାନ ଘରକୁ ଆସିପାରିନାହିଁ। ବିଲରେ ପଡ଼ି ଓଦା ହୋଇଯାଇଛି। କିଛି ଚାଷୀଙ୍କ ଧାନ ଗଦା ହୋଇଥିବା ଅଭିଯୋଗ ହୋଇଛି। କିଛି ପାଚିଲା ଧାନ ଗଛରେ ରହିଥିଲାବେଳେ ପ୍ରଖର ବେଗରେ ପବନ ହେବାରୁ ସେସବୁ ଧାନ ବିଲରେ ଝଡ଼ିଯାଇଛି। ଫଳରେ ଜମିରେ ଖାଲି ନଡ଼ା ଗଛ ଦେଖିବାକୁ ମିଳିଛି। ସେପଟେ ଚିଲିକା କୂଳରେ ଅବସ୍ଥିତ ଥିବା ଗ୍ରାମଗୁଡ଼ିକ ମଧ୍ୟ ଅଧିକ କ୍ଷତି ହୋଇଥିବା ଜଣାପଡ଼ିଛି। ଚିଲିକାରେ ଥିବା ବିଭିନ୍ନ ସ୍ଥାନରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ବୁଡ଼ିଛି ତ କାହାର ଡଙ୍ଗାକୁ ଡଙ୍ଗା ମାଡ଼ ହୋଇ ଭାଙ୍ଗିଯାଇଛି। କିଛି ମତ୍ସ୍ୟଜୀବୀ ଚିଲିକାରେ ମାଛ ଧରିବା ପାଇଁ ବସିଥିବା ଜାଲ ଓ ଡଙ୍ଗା ପବନରେ ଉଡ଼ିଯାଇଥିବା ଅଭିଯୋଗ ହୋଇଛି। ଏତେ ଭୀଷଣ ରୂପରେ କାଳବୈଶାଖୀର ତାଣ୍ଡବ କରିବ ବୋଲି ପ୍ରଶାସନିକ ଅଧିକାରୀମାନେ ଆଗୁଆ ଜାଣିପାରିଲେ ନାହିଁ କିପରି। ଚିଲିକାରେ ଥିବା ବିଭିନ୍ନ ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨/୫/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୭,୦୮,୫୧୭/- ସୁନା:୦୦.୧୫୦ ଗ୍ରାମ୍ ରୁପା: ୨୦.୧୫୦ ଗ୍ରାମ୍



## ପୁରୀରେ ମାଟ୍ରିକ୍ ପାସ୍‌ହାର ୯୬.୮ ପ୍ରତିଶତ

# ୫୮୦ ନମ୍ବର ସହ ପ୍ରିୟଙ୍କା ଜିଲ୍ଲା ଟପ୍ପର



ପୁରୀ,୨।୫(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ପୁରୀ ଜିଲ୍ଲାରେ ଏବର୍ଷ ପାସ୍‌ହାର ୯୬.୮ ପ୍ରତିଶତ ରହିଛି। ତେବେ ଗତବର୍ଷ ଅପେକ୍ଷା ଏ ବର୍ଷ ଜିଲ୍ଲାର ଫଳାଫଳ ପ୍ରତିଶତ ହ୍ରାସ ପାଇଛି। ଗତବର୍ଷ ପୁରୀ ଜିଲ୍ଲାର ପାସ୍‌ହାର ୯୭.୧୭ ପ୍ରତିଶତ ଥିବାବେଳେ ଏଥର ସାମାନ୍ୟ କମିଯାଇଛି। ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରିୟଙ୍କା ମହାପାତ୍ର ୫୮୦ ନମ୍ବର (୯୬.୬୭ ପ୍ରତିଶତ) ରଖି ପୁରୀ ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ପୁରୀ ସଦର ବ୍ଲକ୍‌ରୁ ସର୍ବାଧିକ ୮୧ ଜଣ 'ଏ-୧' ରଖିଥିବାବେଳେ କେବଳ ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବ୍ଲକ୍‌ୱାରୀ ଦେଖିଲେ ଅସ୍ତରଙ୍ଗରୁ ୩ ଜଣ, ବ୍ରହ୍ମଗିରି ୧୩, ଡେଲାଙ୍ଗ ୩, ଗୋପ ୧୯, କାକଟପୁର ୬, କଣାସ ୧୨, କୃଷ୍ଣପ୍ରସାଦ ୭, ନିମାପଡ଼ା ୧୮, ପିପିଲି ୮, ପୁରୀ ସଦର ୫୮ ଓ ସତ୍ୟବାଦୀ ବ୍ଲକ୍‌ରୁ ୧୫ ଜଣ ଛାତ୍ରଛାତ୍ରୀ ଏ-୧ ପାଇଛନ୍ତି।

ଚଳିତବର୍ଷ ଜିଲ୍ଲାର ୩୫୮ ସ୍କୁଲର ୨୦ହଜାର ୬୨୧ ଜଣ ପିଲା ଫର୍ମପୂରଣ କରିଥିବାବେଳେ ୧୬୭ ଜଣ ଅନୁପସ୍ଥିତ ଥିଲେ। ତେବେ ପରୀକ୍ଷା ଦେଇଥିବା ୨୦ ହଜାର ୪୫୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମୋଟ୍ ୧୯ ହଜାର ୭୯୯ ଜଣ କୃତକାର୍ଯ୍ୟ ହୋଇଛନ୍ତି ଏବଂ ପାସ୍‌ହାର ରହିଛି ୯୬.୮ ପ୍ରତିଶତ। ଏମାନଙ୍କ ମଧ୍ୟରେ ଜିଲ୍ଲାରେ ଏ-୧ରେ ମୋଟ ୧୬୧ ଜଣ, ଏ-୨ରେ ୮୧୯, ବି-୧ରେ ୧୮୭୭, ବି-୨ରେ ୩୩୫୬, ସି'ରେ ୪୯୬୭, ଡି'ରେ ୫୧୭୨, ଇ'ରେ ୩୪୪୭ ପାସ୍ କରିଥିବାବେଳେ ଏଫ୍'ରେ ରହିଛନ୍ତି ୬୫୫ ଜଣ। ମୋଟ୍ ୧୦ ହଜାର ୧୩୪ ଜଣ ଛାତ୍ର ଏବଂ ୯,୬୬୫ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରତିବର୍ଷ ଜିଲ୍ଲାରେ ଭଲ ଫଳାଫଳ କରୁଥିବା ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏଥର ମଧ୍ୟ ଶତ ପ୍ରତିଶତ ସଫଳତା ପାଇଛି। ମୋଟ୍ ୧୧୨ ଜଣ ପରୀକ୍ଷା ଦେଇଥିବାବେଳେ ୧୬ ଜଣ ଛାତ୍ରଛାତ୍ରୀ ଏ-୧, ୨୮ ଜଣ ଏ-୨, ୨୯ ଜଣ ବି-୧, ୨୭ଜଣ ବି-୨, ୯ ଜଣ ସି' ଏବଂ ୩ ଜଣ ଡି'ରେ ପାସ୍ ହୋଇଛନ୍ତି। ପ୍ରିୟଙ୍କା ମହାପାତ୍ର ୯୬.୬୭ ପ୍ରତିଶତ, ପୂଜାଲିନ୍ ସାହୁ ୯୫.୩୩, ଅମ୍ରିତା ଶିବାନୀ ୯୫, ସୂର୍ଯ୍ୟନାରାୟଣ ମହାପାତ୍ର ୯୪, ଦେବୀପ୍ରଜ୍ଞା ରଥ ଓ ସୁପର୍ଣ୍ଣ ଶୁଭ୍ରଜିତ ମହାପାତ୍ର ୯୨.୫, ଦୀପ ଆରିୟନ ୯୨.୧୭, ଆୟୁଷ ସାମନ୍ତରାୟ ୯୧.୩୩, ରୁଦ୍ରନାରାୟଣ ସାସମଲ ଓ ସ୍ମୃତି ସ୍ନେହା ପରିଡ଼ା ୯୦.୩୩, କୀର୍ତ୍ତି କୁମାର ସିଂହ ୯୦.୧୭, ଭୂମିକା ମିଶ୍ର, ଗୌରବ ରଞ୍ଜନ ରଣସିଂହ, ନୀଳକଣ୍ଠ ମହାପାତ୍ର, ସାଇକ୍ରିଷ୍ଣା ଗୁରୁ ଓ ଶୁଭଶ୍ରୀ ନାୟକ ପ୍ରତ୍ୟେକ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ ଜଣ ଛାତ୍ରଛାତ୍ରୀ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଏ-୨ରେ ୧୨ ଜଣ, ବି-୧ରେ ୧୯, ବି-୨ରେ ୧୨ ଏବଂ ୩ ଜଣ ସି'ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିଏମ୍‌ଶ୍ରୀ ବିଶ୍ୱମ୍ଭର ବିଦ୍ୟାପୀଠର ୫ ଜଣ ଛାତ୍ର ଓ ୨ ଜଣ ଛାତ୍ରୀ ଏ-୧ରେ ପାସ୍ କରିଛନ୍ତି। ବିଦ୍ୟାପୀଠର ଛାତ୍ର ଓମ୍ ସତ୍ୟପ୍ରକାଶ ୫୫୫, ମଧୁସ୍ମିତା ସାହୁ ୫୫୦, ଶୁଭମ୍ ମହାପାତ୍ର ୫୪୯, ଅଙ୍କିତ ମଙ୍ଗରାଜ, ପବିତ୍ର ସ୍ୱାଇଁ, ରାଜଦୀପ ସ୍ୱାଇଁ ଓ ସମରଜିତ୍ ପ୍ରଧାନ ପ୍ରତ୍ୟେକ ୫୪୦ ନମ୍ବର ରଖିଛନ୍ତି।

- ସଦର ବ୍ଲକ୍‌ରୁ ସର୍ବାଧିକ ୫୮ 'ଏ-୧'
- ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ 'ଏ-୧'
- ଗତବର୍ଷ ଅପେକ୍ଷା ପ୍ରତିଶତ ହ୍ରାସ ପାଇଲା

## ଶ୍ରମିକ ଦିବସରେ ୪ ଶ୍ରମ କୋଡ୍ ପ୍ରତ୍ୟାହାର ଦାବି

ପୁରୀ,୨।୫(ସମିସ): ଶ୍ରମିକର ଐତିହ୍ୟ, ଐକ୍ୟ, ସଂହତିକୁ ବଜାଇ ରଖି ନିଜର ସାମାଜିକ ନିରାପତ୍ତା, ବଞ୍ଚିଲା ଭଳି ମଜୁରି, ଦେଶ ସମ୍ପଦର ସୁରକ୍ଷା ଓ ଲାଭର ସମାନୁପାତିକ ବଣ୍ଟନ, ସାମ୍ରାଜ୍ୟବାଦ ଓ କର୍ପୋରେଟ୍ ସପକ୍ଷବାଦୀ ନୀତି ବିରୋଧରେ ଶ୍ରମିକ କର୍ମଚାରୀ ଏକ ହେବା ଜରୁରୀ। ବିଶ୍ୱ ଶ୍ରମିକ ଦିବସରେ ଶୁକ୍ରବାର ସିଟୁ, ଏଆଇଟିୟୁସି, ଆଇଏନ୍‌ଟିୟୁସିର ଶ୍ରମଜୀବୀମାନେ ଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ପାରାଡାଇଜ୍ ହୋଟେଲ୍ ନିକଟରେ ପହଞ୍ଚିବା ପରେ ଜନସଭା ହୋଇଥିଲା। ଏଥିରେ ସିଟୁ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ ଓ ଏଆଇଟିୟୁସିର ହରିହର ସେନାପତିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ଏଆଇଟିୟୁସି ନେତା ବ୍ରଜବନ୍ଧୁ ପ୍ରଧାନ, ସିଟୁ ନେତା ଜଗନ୍ନାଥ ଦେଓ, ଆଇଏନ୍‌ଟିୟୁସି ନେତା ରାଜେଶ କୁମାର ମିଶ୍ର, ଭୀମସେନ ସ୍ୱାଇଁ, ପୀତବାସ ବେହେରା, ଟୁନା ନାୟକ, ଅଜୟ ମିଶ୍ର, ନରହରି ତ୍ରିପାଠୀ, କୃପାସିନ୍ଧୁ ପଣ୍ଡା, ଦାଶରଥି ସାହୁ ପ୍ରମୁଖ ନିଜ ବକ୍ତବ୍ୟରେ କହିଥିଲେ ଯେ ମୋଦୀ ସରକାର କର୍ପୋରେଟ୍ ସପକ୍ଷରେ ଚାରି ଶ୍ରମ କୋଡ୍ ଆଣି ଶ୍ରମିକଙ୍କ ମଜୁରୀ, ଇପିଏଫ୍, ଇଏସ୍‌ଆଇ ଓ ଗ୍ରାଚ୍ୟୁଇଟିର ଅଧିକାର ଛଡ଼ାଇ ନେଲେ। ସବୁଠି ଠିକା ଓ ଆଉଟ୍‌ସୋର୍ସିଂ। ସ୍ଥାୟୀ ନିଯୁକ୍ତିରେ ତାଲା। ସେପଟେ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ କ୍ଷତିର ବାହାନା କରି ପୁଞ୍ଜିପତିଙ୍କ ହାତରେ ଶାଗ ମାଛ ଦରରେ ଟେକି ଦେଉଛି ମୋଦୀ ସରକାର। ଓଡ଼ିଶାରେ ରେଳ, ବନ୍ଦର, ବିମାନବନ୍ଦର, ପର୍ବତ, ନଈ, ଜଙ୍ଗଲ ବେଆଇନ ଭାବେ ବିକି ଦେଉଛନ୍ତି। ଠିକା ସଂସ୍ଥା ମନଇଚ୍ଛା କର୍ମଚାରୀଙ୍କୁ ଶୋଷଣ କରୁଥିବାବେଳେ ଅଧିକାରୀମାନେ ନିରବ। ଶ୍ରମିକର ଭବିଷ୍ୟତ ଅନ୍ଧାର। ପାଚିକାମାନେ ସ୍କୁଲରେ ମାସିକ ୩ ହଜାର ଟଙ୍କାରେ କାମ କରୁଥିବାବେଳେ ସର୍ବନିମ୍ନ ମଜୁରୀରୁ ସେମାନେ ବଞ୍ଚିତ। ତେଣୁ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ମାସିକ ୨୬ ହଜାର ଟଙ୍କା, ଚାରି ଶ୍ରମ କୋଡ୍ ପ୍ରତ୍ୟାହାର, ଦେଶ ସମ୍ପଦର ସୁରକ୍ଷା ପାଇଁ ଏକ ହୋଇ ଲଢ଼େଇ କରିବାକୁ ହେବ ବୋଲି କହିଥିଲେ।

## ୩ ଦଫା ଦାବି ପୂରଣ ନେଇ ସାମ୍ବାଦିକଙ୍କ ପ୍ରତିବାଦ

ପୁରୀ,୨।୫(ସମିସ): ପୁରୀ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ପକ୍ଷରୁ ୩ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକଙ୍କ ପାଇଁ ସ୍ଥାୟୀ ପେନ୍‌ସନ ସମେତ ସୁରକ୍ଷା ଆଇନ ଆଣିବା ତଥା ସରକାରୀ ସ୍ୱୀକୃତି ବା ଆକ୍ରିଡେସନ ପ୍ରଦାନ ନେଇ ସାମ୍ବାଦିକମାନେ ମେ' ୧ ତାରିଖକୁ ପ୍ରତିବାଦ ଦିବସ ଭାବେ ପାଳନ କରିଥିଲେ। ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକମାନେ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକମାନେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ପରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସ୍ଥାୟୀ ପେନ୍‌ସନ ବ୍ୟବସ୍ଥା ସହ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଓ ସମସ୍ତ କାର୍ଯ୍ୟରତ ସାମ୍ବାଦିକଙ୍କୁ ସରକାରୀ ସ୍ୱୀକୃତି ବା ଆକ୍ରିଡେସନ ପ୍ରଦାନ ପାଇଁ ଦାବି କରାଯାଇଥିଲା। ପୁରୀ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟର ସାଧାରଣ ସମ୍ପାଦକ ମିଳନ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲାର ଅନେକ ବରିଷ୍ଠ ସାମ୍ବାଦିକ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଓଡ଼ିଶା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ)ର ସଭାପତି ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ସାମ୍ବାଦିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହି ଲଢ଼େଇ ଜାରି ରହିଥିବାବେଳେ ପୁରୀରେ ଏଭଳି ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ଆଗାମୀ ଦିନରେ ଯଦି ସରକାର ସାମ୍ବାଦିକମାନଙ୍କର ଏହି ନ୍ୟାଯ୍ୟ ଦାବି ପ୍ରତି କର୍ଣ୍ଣପାତ ନ କରନ୍ତି ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ୟୁନିଅନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାନ୍ତି, ସୌମିତ୍ର ହରିଚନ୍ଦନ, ଶୈଳେନ୍ଦ୍ର ଆଚାର୍ଯ୍ୟ, ଚିତ୍ତରଞ୍ଜନ ମହାନ୍ତି, ଶ୍ୟାମ ସୁନ୍ଦର ମହାପାତ୍ର, ସରୋଜ ମଲ୍ଲିକ, ସାଗର ମଲ୍ଲିକ, ଅନିଲ ସାହୁ, ସନ୍ତୋଷ ବରାଳ, ବିରେନ୍ ମିଶ୍ର, ଗଣେଶ ପତି, ନିରଞ୍ଜନ ସାହୁ, ଦେବାଶିଷ ସେଠୀ ଓ ଉଲ୍ଲାସ ପ୍ରଧାନଙ୍କ ସମେତ ବହୁ ସାମ୍ବାଦିକ ସାମିଲ୍ ହୋଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ**

## ଭାର୍ଗବୀ ଆଳତିର ବର୍ଷ ପୂର୍ତ୍ତି ମହୋତ୍ସବ

ପୁରୀ/ବ୍ରହ୍ମଗିରି,୨।୫(ସମିସ): ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ ମା' ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରଠାରେ ଭାର୍ଗବୀ ଆଳତିର ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମବାସୀଙ୍କ ପକ୍ଷରୁ ମହିଳାମାନେ ପଞ୍ଚମୁଖୀଙ୍କ ନିକଟରେ ନାମ ସଂକୀର୍ତ୍ତନ କରିବା ପରେ ଭାର୍ଗବୀ ଆଳତି ଆରମ୍ଭ ହୋଇଥିଲା। ଉପଦେଷ୍ଟା ବଦ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ବିଭୂତି ଭୂଷଣ ନାୟକ, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଓ ଡ. ଶଙ୍କର୍ଷଣ ପ୍ରଧାନ ମଞ୍ଚ ପୌରୋହିତ୍ୟ କରିଥିଲେ। ଗବେଷକ କାଶିନାଥ ନାୟକ, କବି ଦାମୋଦର ପରିଡ଼ା, ବିନାୟକ ପାତ୍ର, ଅଲାରନାଥଙ୍କ ବରିଷ୍ଠ ସେବକ ନୀଳମଣି ସୁଆର, ସରପଞ୍ଚ ବବିତା ବରାଳ, ଅମର ବେହେରା, ଦିଲ୍ଲୀପ ବଳିଆରସିଂ ଅତିଥି ଭାବେ ଯୋଗଦେଇଥିଲେ। ଭାର୍ଗବୀ ଆଳତି ମଞ୍ଚର ସଭ୍ୟ ସତ୍ୟସୁନ୍ଦର କର, ବିରଞ୍ଚି ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ, ରବି ନାରାୟଣ ପ୍ରଧାନ, ବାନାମ୍ବର ପରିଡ଼ା, ଶରତ ଦେଓ, ଗଣେଶ୍ୱର ବେହେରା, ଭୀମ ସେନାପତି, ଜିତେନ୍ଦ୍ର ଦାସଙ୍କ ସହଯୋଗରେ ସଭାକାର୍ଯ୍ୟ କରାଯାଇଥିଲା। ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଭାର୍ଗବୀ ବଞ୍ଚାଅ ଉପରେ ଉଦ୍‌ବୋଧନ ଦେଇଥିବାବେଳେ ସମ୍ପାଦକ ପ୍ରଶାନ୍ତ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ନାମ ସଂକୀର୍ତ୍ତନ ଓ ଆତସବାଜି ମଧ୍ୟରେ ପଣ୍ଡିତ ଶୁଭାଶିଷ କର ଓ ସୁରେଶ ଚନ୍ଦ୍ର ଦିକ୍ଷୀତଙ୍କ ଭବ୍ୟ ଆଳତି ଚିତାକର୍ଷକ ହୋଇଥିଲା। ଶିକ୍ଷାବିତ୍ ଦ୍ୱାରିକାନାଥ ବିଶ୍ୱାଳଙ୍କ ମଞ୍ଚ ପରିଚାଳନାରେ ୧୮ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ମନ୍ଦିରର ବିକାଶ, କପିଳେଶ୍ୱରପୁର ଗ୍ରାମର ବିକାଶ, ଜଳସେଚନ ଓ ପାନୀୟ ଜଳ ଯୋଗାଣ ପାଇଁ ଭାର୍ଗବୀ ନଦୀର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଏକ ପ୍ରତିନିଧି ଦଳ, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟିକାଙ୍କୁ ଭେଟିବେ ବୋଲି ବଦ୍ରି ମିଶ୍ର, ପ୍ରଶାନ୍ତ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ଡ. ପ୍ରମୋଦ ଆଚାର୍ଯ୍ୟ ଘୋଷଣା କରିଥିଲେ।



## ଡ. ବଳରାମ ଦାସ ଥିଲେ ଜଣେ ନିରବ ସାଧକ



ପୁରୀ,୨।୫(ସମିସ): ବିଶିଷ୍ଟ ସାରସ୍ୱତ ସାଧକ ଡ. ବଳରାମ ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ପୁରୀ କ୍ଲବ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ମାନସ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର, ପ୍ରଫେସର ଉଦୟନାଥ ସାହୁ, ପ୍ରଫେସର ଦୁର୍ଗାମାଧବ ନନ୍ଦ, ଡ. ଚିତ୍ତରଞ୍ଜନ ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଉମାକାନ୍ତ ମହାପାତ୍ର, ସଦାଶିବ ମିଶ୍ର, ସତ୍ୟ ନାରାୟଣ ମିଶ୍ର, ବିପିନ ବିହାରୀ ଦଳାଇ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମଞ୍ଜୁଶ୍ରୀ ମିଶ୍ର, ଇଂ. ମୀନକେତନ, ସନ୍ନ୍ୟାସୀ ନାୟକ, ଡ. ଶଙ୍କର୍ଷଣ ପ୍ରଧାନ, ସୁଜାତା ସିହ୍ନା, ବିଚିତ୍ରା ଦାଶ, ସୁଦିପ୍ତା ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ସ୍ମରଣିକା 'ଅଜାତଶତ୍ରୁ' ଉନ୍ମୋଚିତ ହୋଇଥିଲା। ଦିବଂଗତ ଦାସ ଥିଲେ ଜଣେ ନିରବ ସାଧକ, ଯାହାଙ୍କ ହୃଦୟ ଥିଲା ସଦା ଛଳ ଛଳ। ଆଧ୍ୟାତ୍ମିକ ଓ ସାରସ୍ୱତ କ୍ଷେତ୍ରରେ ସେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲେ। ଜଣେ କବି ଭାବରେ ଥିଲେ ଅଧିକ ସ୍ୱଚ୍ଛ। କବିତାଠାରୁ ଆରମ୍ଭ କରି ଗଳ୍ପ, ପ୍ରବନ୍ଧ, ସମାଲୋଚନା ଓ ସାରସ୍ୱତ ସଂଗଠନ ସେ ସବୁ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଭଞ୍ଜ ସାହିତ୍ୟ ଓ ଓଡ଼ିଶାର ସଂସ୍କୃତି, ଓଡ଼ିଆ ଗୀତି କବିତାର ରୂପ ଓ ରୂପାନ୍ତର, ସାହିତ୍ୟ ସଂସ୍କୃତି ଓ ଶ୍ରୀଜଗନ୍ନାଥ, ଆଶ୍ଚର୍ଯ୍ୟ ଆକାଶ, ଅଦୃଶ୍ୟ ଅଭିସାର, ଭରା ନଈର ଶ୍ରାବଣ, ଭାଙ୍ଗି ପଡୁଥିବା ଆକାଶ ଭଳି କୋଡ଼ିଏ ଖଣ୍ଡ ପୁସ୍ତକର ସେ ସ୍ରଷ୍ଟା ଥିଲେ ବୋଲି ବଳରାମ ପ୍ରେମୀମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ ସଭାକୁ 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ସ୍ମୃତି ସଭାରେ ପତ୍ନୀ ମାୟା ଦାସ, ପୁତ୍ର ତନ୍ମୟ ଦାସ, କନ୍ୟା ସରିତା ଦାସ ପ୍ରମୁଖ ପରିବାର ସଦସ୍ୟ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର

ପୁରୀ,୨।୫(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ସଦର ବ୍ଲକ୍ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର କାର୍ଯ୍ୟକାରୀ ସଚିବ ସୋଭେନ କାନୁନ୍‌ଗୋ ଶିବିରକୁ ଉଦ୍‌ଘାଟନ କରି ଶ୍ରମିକମାନଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ, ସରକାରୀ ଯୋଜନା ଏବଂ ତା'ର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର, ନ୍ୟାୟ ସଂଯୋଗ ବିଷୟରେ ଅବଗତ କରାଇବା ସହ ଆଇନ ସେବା କ'ଣ ଏବଂ ଏହା ପାଇବା ପାଇଁ କେଉଁ କେଉଁମାନେ ଯୋଗ୍ୟ ସେ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସଦର ବିଡିଓ ସମ୍ବିତ୍ ଶତପଥୀ, ଏବିଡିଓ ମନୋଜ ବେହେରାଙ୍କ ସମେତ ସହକାରୀ ଶ୍ରମ ଅଧିକାରୀ ଆଶୁତୋଷ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକ ପଞ୍ଜୀକରଣ କାର୍ଡର ନିୟମଗୁଡ଼ିକ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଲୋକଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗିତା ଓ ଉପାଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ।

## ବସ୍ତିବାସିନ୍ଦାଙ୍କୁ ଭେଟିଲେ କଂଗ୍ରେସ କର୍ମକର୍ତ୍ତା

ପୁରୀ, ୨।୫ (ସମିସ): ବଳିଆପଣ୍ଡା ବିଜୟନଗର ବସ୍ତି ବାସିନ୍ଦା ପଟ୍ଟା ଦାବିରେ ସତ୍ୟାଗ୍ରହ ଚଳାଇଛନ୍ତି। ଶୁକ୍ରବାର ତୃତୀୟ ଦିବସରେ ରାଜ୍ୟ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ଓଡ଼ିଶା ରାଜ୍ୟ ମହିଳା କଂଗ୍ରେସ ପ୍ରଭାରୀ ତୁଳିକା କର୍ମା, ଏଆଇସିସି ସଦସ୍ୟ ମାନସ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିରୁପମା ପାତ୍ର ବସ୍ତିବାସିନ୍ଦାଙ୍କ ସତ୍ୟାଗ୍ରହରେ ପହଞ୍ଚି ସେମାନଙ୍କ ଅସୁବିଧା ଏବଂ ଦୀର୍ଘ ୯ ବର୍ଷର ହକ୍ ପାଇଁ ଲଢ଼େଇ ବିଷୟରେ ଆଲୋଚନା କରିଥିଲେ। ଏହି ପ୍ରତିବାଦରେ ରାଜ୍ୟ କଂଗ୍ରେସ ପଦାଧିକାରୀଗଣ ବସ୍ତିବାସିନ୍ଦାଙ୍କ ଲଢ଼େଇକୁ ରାଜ୍ୟର ବିଧାନସଭା ପର୍ଯ୍ୟନ୍ତ ନେବାଠାରୁ ଏହି ଲଢ଼େଇକୁ ଦିଲ୍ଲୀରେ ମଜଭୁତ କରି ସ୍ୱର ଉଠେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅଭିଭାଷଣରେ ଜିଲ୍ଲା ପ୍ରଶାସନ ବିଜେପିର ଗୁଲାମ ନ ହୋଇ ସରକାରୀ ଯୋଜନାକୁ ଲୋକଙ୍କ ହକ୍ ଉଦ୍ଦେଶ୍ୟରେ ତୁରନ୍ତ ପ୍ରଦାନ କରନ୍ତୁ ବୋଲି କହିଥିଲେ। ସମୁଦାୟ ଜାଗା ମିଶନ ଅଧୀନରେ ୧,୭୮୪ ଜଣ ଯୋଗ୍ୟ ହିତାଧିକାରୀ ବଳିଆପଣ୍ଡା ବିଜୟନଗର ବସ୍ତିବାସିନ୍ଦା ଥିବାବେଳେ ସେଥିରୁ ୨୮୬ ଜଣଙ୍କୁ ଯେଉଁ ଆଧାରରେ ପଟ୍ଟା ପ୍ରଦାନ କରାଯାଇଥିଲା ସେହି ଅନୁଯାୟୀ ବଳକା ୧୫୦୦ ପଟ୍ଟା ପ୍ରଦାନ କରନ୍ତୁ। ୧୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଜମି ବାବଦକୁ ଟଙ୍କା ଡିପୋଜିଟ୍ କରିଥିଲେ ବି କାହିଁକି ପଟ୍ଟା ଦିଆଯାଉନି ପ୍ରଶ୍ନ କରି ବର୍ଷିଥିଲେ କଂଗ୍ରେସ ନେତୃତ୍ୱ ମଣ୍ଡଳୀ। ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ ମଧ୍ୟ ଉପସ୍ଥିତ ଥିଲେ।

## ପୁରୀ କ୍ଲବ୍ ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଘାଟିତ



ପୁରୀ,୨।୫(ସମିସ): ପୁରୀ କ୍ଲବ୍ ପରିସରରେ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି ପୁରୀ କ୍ଲବ୍ ପ୍ରିମିୟର କ୍ରିକେଟ୍ ଲିଗ୍। ଏହି ଦୁଇଦିନିଆ ପ୍ରତିଯୋଗିତାକୁ କ୍ଲବ୍ ସମ୍ପାଦକ ରବି ନାରାୟଣ ସାହୁ ଉଦ୍‌ଘାଟନ କରିଥିଲେ। କ୍ଲବ୍‌ର ଅନ୍ୟତମ କାର୍ଯ୍ୟକାରୀ କମିଟି ସଦସ୍ୟ ଅଧ୍ୟାପକ ଡ. ବିଶ୍ୱନାଥ ମିଶ୍ର ସଂଯୋଜକ ଭାବେ ଏହାକୁ ପରିଚାଳନା କରିଥିବାବେଳେ କ୍ଲବ୍‌ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଗତ ଶୁକ୍ରବାର କ୍ଲବ୍ ପରିସରରେ ପ୍ରତିଯୋଗିତାର ଟ୍ରଫି ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ସଂଯୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ଉପାଧ୍ୟକ୍ଷ ନଳିନୀରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ତଥା ଗଣମାଧ୍ୟମ କମିଟିର ଆବାହକ ନାରାୟଣ ଦାଶ ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅବୈତନିକ ସମ୍ପାଦକ ଶ୍ରୀ ସାହୁ ନିଜ ବକ୍ତବ୍ୟରେ କ୍ରିକେଟ ପ୍ରତିଯୋଗିତାରେ କ୍ଲବ୍‌ର ତିନିଟି ଟିମ୍ (ସୁନାମି, ଟାଇଟାନିକ୍ ଓ ଭିକ୍ଟୋରିଆନ) ଅଂଶଗ୍ରହଣ କରୁଥିବା ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବ୍ ପକ୍ଷରୁ ସହରର ବାଳକବାଳିକାମାନଙ୍କ ନିମନ୍ତେ ଚେସ୍ ପ୍ରଶିକ୍ଷଣ ଆରମ୍ଭ ହୋଇଥିବା ଓ ଆଗକୁ ସନ୍ତରଣ ପ୍ରଶିକ୍ଷଣ ଏବଂ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ଦେଇଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତାର ବଳକା ଅର୍ଥରାଶିରେ ପ୍ରତିଭାବାନ୍ ତରୁଣ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯିବ ବୋଲି ସମ୍ପାଦକ ଶ୍ରୀ ସାହୁ ଘୋଷଣା କରିଥିଲେ। ଏଥିରେ ସୁନାମି ଟିମ୍‌ର ମାଲିକ ରାଜନାରାୟଣ ଖୁଣ୍ଟିଆ ଓ ଦେବୀଦତ୍ତ ସୁବୁଦ୍ଧି ଏବଂ କ୍ୟାପ୍‌ଟେନ ସୁଶାନ୍ତ ସିଂ, ଟାଇଟାନ୍ ଟିମ୍‌ର ମାଲିକ ଦୂର୍ଗାମାଧବ ପାଢ଼ୀ ଓ ସୁପ୍ରଭାତ ସାହୁ ଏବଂ କ୍ୟାପ୍‌ଟେନ ସୋମନାଥ ବାନାର୍ଜୀ, ଭିକ୍ଟୋରିଆନ ଟିମ୍‌ର ମାଲିକ ଦେବାଶିଷ କୁମାର ଓ କ୍ଷୀରୋଦ ମିଶ୍ର ଏବଂ କ୍ୟାପ୍‌ଟେନ ସିଦ୍ଧାର୍ଥ ଦାସଙ୍କ ସମେତ କ୍ଲବ୍‌ର ଅନ୍ୟତମ ଉପାଧ୍ୟକ୍ଷ ଅଜିତ କୁମାର ରାୟ, କୋଷାଧ୍ୟକ୍ଷ ଅରୁଣ କୁମାର ରାୟ, କାର୍ଯ୍ୟକାରୀ କମିଟି ସଦସ୍ୟ ନୂତନ ଦାସମହାପାତ୍ର ଏବଂ ଗଣମାଧ୍ୟମ କମିଟି ସଦସ୍ୟ ସନ୍ତୋଷ କୁମାର ମହାନ୍ତି ଓ ଶରତ କୁମାର ପାତ୍ର ଉପସ୍ଥିତ ଥିଲେ।

### ● ପଞ୍ଚସଖା ଶିକ୍ଷା ସେତୁ ସଚେତନତା କାର୍ଯ୍ୟକ୍ରମ

## 'ଶିକ୍ଷାର ବିକଳ୍ପ କେବଳ ଶିକ୍ଷା ହିଁ ହୋଇଥାଏ'

ପୁରୀ,୨।୫(ସମିସ): ଶିକ୍ଷାନୁଷ୍ଠାନ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମନ୍ୱୟ ହିଁ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜର ମୂଳଦୁଆ ହୋଇଥାଏ। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାରସ୍ପରିକ ସହଯୋଗ ଓ ଭାଇଚାରା ସୃଷ୍ଟି ପାଇଁ ଅନୁରୋଧ କରିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶନିବାର ଟାଉନ ହଲ୍ ପରିସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପଞ୍ଚସଖା ଶିକ୍ଷା ସେତୁ ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ଶିକ୍ଷାର ବିକଳ୍ପ କେବଳ ଶିକ୍ଷା ହିଁ ହୋଇଥାଏ। ତେଣୁ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ସରକାରଙ୍କଠାରୁ ଆରମ୍ଭ କରି ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ଜରୁରୀ ହୋଇଥାଏ। ଆମେ ଯେଉଁଠି ପଢ଼ିଛେ, ବଢ଼ିଛେ ଓ ମଣିଷ ହୋଇଛନ୍ତି ତାହାର ବିକାଶରେ ଆମର ଅବଦାନ ଜରୁରୀ। ତେଣୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯିଏ ଯେଉଁ କ୍ଷେତ୍ରରେ ରହିଛନ୍ତି, ସେମାନେ ନିଶ୍ଚିତ ନିଜ ପ୍ରିୟ ବିଦ୍ୟାଳୟର ସାମଗ୍ରିକ ଉନ୍ନତି ପାଇଁ ସହଯୋଗ କରିବାକୁ ଶ୍ରୀ ସେଠୀ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ. ସିପ୍ରା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭବମ ପ୍ରଧାନ, ପୁରାତନ ଛାତ୍ରୀ ସଂସଦର ସଭାପତି ରୀନାମଣି ସାହୁ, ରାଜ୍ୟ ରେଡ୍‌କ୍ରସର ଆଜୀବନ ସଦସ୍ୟ ଜୟନ୍ତୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟନାଥ ପୂଜାପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ବିକାଶର ଆବଶ୍ୟକତା, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁସମ୍ପର୍କ ବିଷୟରେ ଆଲୋଚନା ଓ ନିୟମିତ ବ୍ୟବଧାନରେ ପୁରାତନ ଛାତ୍ରୀ ସଂସଦର ବୈଠକ ଆୟୋଜନ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ପଞ୍ଚସଖା ଶିକ୍ଷା ସେତୁ ସମ୍ପର୍କରେ ସରକାରୀ ମାର୍ଗଦର୍ଶିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ତଥା ହକି ଖେଳାଳି ଲିପ୍ସାରାଣୀ ପ୍ରିୟଦର୍ଶିନୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଅଳକାନନ୍ଦା ସମସ୍ତଙ୍କୁ ସ୍ୱାଗତ ସହ ମଞ୍ଚ ସଞ୍ଚାଳନ ଓ ପଞ୍ଚସଖା ଶିକ୍ଷା ସେତୁ ଦାୟିତ୍ୱରେ ଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର ଶିକ୍ଷା ସେତୁ ଓ ସଚେତନତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଶୋଭାମଣୀ ସ୍ୱାଇଁ, ଶିକ୍ଷୟିତ୍ରୀ ନିହାରିକା ରଥ, ଦେବଜାନୀ ସାହୁ, ପିଙ୍କି ବେହେରା, ସୁଜାତା ସେଠୀ, ସୁଜାତା ଚକ୍ରବର୍ତ୍ତୀ, ଦେବଦର୍ଶିନୀ ମିଶ୍ର, ବିନାୟକ ସିଂହାରୀ, ଦେବଜାନୀ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀମାନେ ଯୋଗଦେଇ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ପୁଲିସର ରାତିଅଧିଆ ଚଢ଼ଉ

## ଗୋ ଚୋରି ଗ୍ୟାଙ୍ଗ୍‌ର ୪ ଗିରଫ





**ପୁଲିସ ଉପରକୁ ଗୁଳିଚାଳନା**

ପୁରୀ,୨।୫(ସମିସ): ଚନ୍ଦନପୁର ଥାନା ଅଞ୍ଚଳରେ ପୁଲିସର ରାତିଅଧିଆ ଚଢ଼ଉ ଫଳରେ ଗୋ ଚୋରି ପାଇଁ ଯୋଜନା କରୁଥିବା ଗ୍ୟାଙ୍ଗ୍‌ର ଉଦ୍ୟମ ପଣ୍ଡ ହୋଇଛି। ସାହସର ସହ ପୁଲିସ ଚଢ଼ଉ କରି ଏହି ଗ୍ୟାଙ୍ଗ୍‌ର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବଳଙ୍ଗା ନୂଆଗୋପାଳପୁରର ସୟଦ ଲକି ଅଲ୍ଲି, ସଦ୍ଦିକ୍ ଶାହା ଓ ଜମାଲ ଶାହା, ଜଟଣୀ ଲାଥିପୁରର ଶେଖ୍ ସଲମାନ। ଅନ୍ୟ ଏକ ଗାଡ଼ିରେ ଥିବା ୩ ଅଭିଯୁକ୍ତ ପୁଲିସ ଉପରକୁ ଲକ୍ଷ୍ୟ କରି ଗୁଳିଚାଳନା କରି ଫେରାର୍ ହୋଇଯାଇଥିବାରୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଶନିବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି ଯେ, ଶୁକ୍ରବାର ମଧ୍ୟରାତ୍ରରେ ନୂଆବାଲିଆ ୱାଣ୍ଡର ୱାର୍ଲ୍ଡ ୱାଟର ପାର୍କ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନରେ ୭ରୁ ୮ ଜଣ ଅସାମାଜିକ ବ୍ୟକ୍ତି ଦୁଇଟି ଗାଡ଼ି (ଏକ ଧଳା ରଙ୍ଗର ସ୍କର୍ପିଓ ଓ ଏକ ମହିନ୍ଦ୍ରା ଏକ୍ସ ୟୁ ଭି) ରେ ଏକତ୍ରିତ ହୋଇଛନ୍ତି। ସେମାନେ ଗାଁ ଅଞ୍ଚଳରୁ ଗୋ ଚୋରି ପାଇଁ ଯୋଜନା କରୁଥିବା ଚନ୍ଦନପୁର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଖବର ପାଇବା ପରେ ପୁଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା। ଚଢ଼ଉବେଳେ ଧଳା ସ୍କର୍ପିଓ ଗାଡ଼ିରୁ ଏକ ଗାଈ ସହ ୪ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। କିନ୍ତୁ ଏସ୍କର୍ଟ କରୁଥିବା ମହିନ୍ଦ୍ରା ଗାଡ଼ିରେ ଥିବା ୩ ଅଭିଯୁକ୍ତ ଦ୍ରୁତଗତିରେ ପଳାଇ ଯାଇଥିଲେ। ପୁଲିସ ସେମାନଙ୍କୁ ପିଛା କରିଥିଲା। ଏହି ସମୟରେ ଫେରାର୍ ହୋଇଯାଉଥିବା ଅଭିଯୁକ୍ତମାନେ ପୁଲିସ ଉପରେ ଗୋଟିଏ ରାଉଣ୍ଡ ଗୁଳିଚାଳନା କରି ଖସିଯାଇଥିଲେ। ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ବନ୍ଧୁକ, ୫ଟି ମୋବାଇଲ୍ ଫୋନ୍, ଗୋଟିଏ ସ୍କର୍ପିଓ, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ଛଡ଼ ଆଦି ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ସଂଗଠିତ ଓ ପୁରୁଣା ଗ୍ୟାଙ୍ଗ୍ ବୋଲି ଜଣାପଡ଼ିଛି। ଏହି ଗ୍ୟାଙ୍ଗ୍ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନିୟମିତ ଭାବେ ଗୋରୁ, ମଇଁଷି ଓ ବଳଦ ଚୋରି କରୁଥିବା ତଥ୍ୟ ପୁଲିସ ହାତରେ ଲାଗିଛି। ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିବା ବେଳେ ସେମାନଙ୍କର ପୂର୍ବ ଅପରାଧିକ ଇତିହାସ ଯାଞ୍ଚ ଚାଲିଛି। ଫେରାର୍ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଓ ଚଢ଼ଉକୁ ଜୋର୍‌ଦାର କରିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ମାଟ୍ରିକ ପରୀକ୍ଷା ଫଳ

# ବାପଛେଉଣ୍ଡ ସରୋଜ ଜିଲ୍ଲା ଟପ୍ପର



**ନୟାଗଡ଼,୨।୫(ସମିସ)**

ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଜିଲ୍ଲାରେ ଚଳିତ ବର୍ଷ ୯୬.୬୮ ପ୍ରତିଶତ ପାସ ହାର ରହିଛି। ଜିଲ୍ଲାରେ ମୋଟ ୧୨,୧୮୩ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଦେଇଥିବା ବେଳେ ୧୧,୬୨୨ ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୨ ଜଣ ଏ-୧ ପାଇଥିବା ବେଳେ ୩୯୧ ଜଣ ଏ-୨, ୯୭୭ ଜଣ ବି-୧, ୧୯୦୬ ଜଣ ବି-୨, ୩୦୮୩ ଜଣ ସି, ୩୧୨୫ ଜଣ ଡି, ୨୦୮୮ ଜଣ ଇ ଓ ୩୯୯ଜଣ ଏଫ୍ ଗ୍ରେଡ ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୬୧୭୫ ଜଣ ଛାତ୍ର ଏବଂ ୫୪୪୭ ଛାତ୍ରୀ ରହିଛନ୍ତି। ଜିଲ୍ଲାରେ ୨୦୨୨ରେ ୨୨୪ ଛାତ୍ରଛାତ୍ରୀ ଏ-୧ ପାଇଥିଲେ। ସେହିପରି ୨୦୨୩ରେ ୧୪୦, ୨୦୨୪ରେ ୩୩, ୨୦୨୫ରେ ୪୪ ଜଣ ଏ-୧ ପାଇଥିଲେ। ଚଳିତ ବର୍ଷ ୫୨ ଜଣ ଏ-୧ ପାଇଥିବା ସୂଚନା ମିଳିଛି। ନୟାଗଡ଼ ସଦର ବ୍ଲକ କ୍ରିଦାଶପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଛାତ୍ର ସରୋଜ କୁମାର ଜେନା ଚଳିତ ବର୍ଷ ୫୭୨ ମାର୍କ ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସରୋଜ କ୍ରିଦାଶପୁର ପଞ୍ଚାୟତ କୋସକା ଗ୍ରାମର ସ୍ୱର୍ଗତ ଗଦାଧର ଜେନା ଓ ଜସ୍ମିନ ଜେନାଙ୍କ ପୁଅ। ସରୋଜଙ୍କ ବାପା ଗଦାଧର କିଛିବର୍ଷ ତଳେ ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କ ଜେଜେବାପା

**୯୬.୬୮ ପ୍ରତିଶତ ପାସହାର, ଏ-୧ ପାଇଲେ ୫୨ ଛାତ୍ରାଛାତ୍ରୀ**

ବିନାୟକ ଜେନା ତାଙ୍କୁ ଲାଳନପାଳନ କରୁଥିଲେ। ଅତ୍ୟନ୍ତ ଅଭାବ ଓ ଅସୁବିଧା ମଧ୍ୟରେ ରହି ମଧ୍ୟ ସରୋଜ ପାଠ ପଢ଼ାକୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିଲେ। ଏହି ସଫଳତା ପଛରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ପତି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଆଇଆଇଟି ପଢ଼ିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏବଂ ବିଜ୍ଞାନ ନିରୀକ୍ଷକ ଶରତ ସାହୁ ସରୋଜଙ୍କ ଘରେ ପହଞ୍ଚି ଅଭିନନ୍ଦନ ଜଣାଇଛନ୍ତି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମଧ୍ୟ ସରୋଜଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଜିଲ୍ଲାରେ ଏ-୧ ପାଇଥିବା ଛାତ୍ରଛାତ୍ରୀ

ଗୋପାଳପୁର ପଞ୍ଚାୟତ ହାଇସ୍କୁଲ ଛାତ୍ର ପ୍ରତାପରୁଦ୍ର ଘଡ଼ାଇ ୫୬୧, ଗୋବିନ୍ଦପୁର ଭାଗୀରଥି ଉଚ୍ଚ ବିଦ୍ୟାଳୟର ସୁନୀତା ପ୍ରଧାନ ୫୬୦, ଲେଙ୍କୁପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରତିଜ୍ଞା ଦାଶ ୫୬୦, ପିମ୍ପଲ ଲଡୁକେଶ୍ୱର ଉଚ୍ଚ ବିଦ୍ୟାଳୟର ଲିପ୍ସା ପ୍ରିୟଦର୍ଶିନୀ ମହାପାତ୍ର ୫୫୯, ରାଜସୁନାଖଳା ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ୍ ସେଣ୍ଟରର ଶୁଭଶ୍ରୀ ସାମନ୍ତରାୟ ୫୫୮, କୁରୁମବାଙ୍କତରା ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟର ବିଷ୍ଣୁପ୍ରସାଦ ସାହୁ ୫୫୭, ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅୟସକାନ୍ତ ମହାପାତ୍ର ୫୫୭, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ଅଜିତ୍ କୁମାର ତ୍ରିପାଠୀ ୫୫୭, ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଦ୍ୟାଶା ସୁବୁଦ୍ଧି ୫୫୭, ସ୍ୱୀକୃତି ବିଶ୍ୱାଳ ୫୫୬, ଚମ୍ପାଗଡ଼ ପଞ୍ଚାୟତ ହାଇସ୍କୁଲର ସୋନାଲି ରଣା ୫୫୫, ଶିଖରପୁର ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟର ଅପର୍ଣ୍ଣା ରଥ ୫୫୪, ଲୋଧାଚୁଆ ଉଦୟନାଥ ବିଦ୍ୟାପୀଠର ରାଜେନ୍ଦ୍ର ବଳିଆରସିଂ ୫୫୪, ବଡ଼ସହରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ସସ୍ମିତା ବେହେରା ୫୫୪, ଗୋବିନ୍ଦପୁର ଭାଗୀରଥି ଉଚ୍ଚ ବିଦ୍ୟାଳୟର ବିଶ୍ୱନାଥ ପଣ୍ଡା ୫୫୩, ଗୋପାଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ଭୋଳ ୫୫୨, ଓଡ଼ଗାଁ ଆରଏନ ବିଦ୍ୟାପୀଠର ଅଂଶୁମାନ ସାହୁ ୫୪୯, ଗୋପାଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ସତ୍ୟଜିତ୍ ସାହୁ ୫୪୯, ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ଚିନ୍ମୟୀ ପଟ୍ଟନାୟକ ୫୪୯, ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ସୁବୁଦ୍ଧି ୫୪୮, ମହିପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଶ୍ମିତା ସାହୁ ୫୪୬, ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବୈଭବୀ ଦିବ୍ୟଦର୍ଶିନୀ ସାହୁ ୫୪୪, ତାରିଆ ବାଇଧର ବିଦ୍ୟାପୀଠର ବିଶ୍ୱାସ ବେହେରା ୫୫୨, ଗୋପାଳପୁର ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ମୋନାଲିକା ସାହୁ ୫୫୨, ରଣପୁର ବିସି ହାଇସ୍କୁଲର ସାଗରିକା ନାୟକ, ବନମାଳୀପୁର ଉଚ୍ଚ ବିଦ୍ୟାଳୟର ସୂର୍ଯ୍ୟକାନ୍ତ ସାହୁ ୫୪୨, ବକଳବନ୍ଧ ପଞ୍ଚାୟତ ହାଇସ୍କୁଲର ସୋନାଲିକା ବିଶ୍ୱାଳ ୫୪୨, ଚାନ୍ଦପୁର ରାମଚଣ୍ଡି ନୋଡାଲ ଉଚ୍ଚ ବିଦ୍ୟାଳୟର ଓମ୍‌ପ୍ରକାଶ ନାୟକ ୫୪୧, ଖଣ୍ଡପଡ଼ା ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ସଙ୍ଗୀତା ନାୟକ ୫୪୧, ବାଉଁଶଗାଡ଼ିଆ ବିକେ ନୋଡାଲ ବିଦ୍ୟାପୀଠର ମାମୁନି ପରିଡ଼ା ୫୪୦, ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ହିରଣ୍ମୟୀ ଆଚାର୍ଯ୍ୟ ୫୪୦, ଗୋବିନ୍ଦପୁର ଭାଗୀରଥି ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ପରିଡ଼ା ୫୪୦, ରଣପୁର ବିସି ହାଇସ୍କୁଲର ଓମ୍‌ପ୍ରକାଶ ଚୌଧୁରୀ ୫୪୦, ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍ୱୟଂଶ୍ରୀ ନାୟକ ୫୪୦, ଖଣ୍ଡପଡ଼ା ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ସୁକନ୍ୟା ପ୍ରିୟଦର୍ଶିନୀ ୫୪୦, ପିମ୍ପଲ ହାଇସ୍କୁଲର ପ୍ରିୟଦର୍ଶିନୀ ସାହୁ ୫୪୦, ଜଗନ୍ନାଥପ୍ରସାଦ ହାଇସ୍କୁଲର ଯାଜ୍ଞସେନୀ ଜେନା ୫୪୦, ରାଣୀଛେଳି ଖଳିଅପସରା ହାଇସ୍କୁଲର ବିଶ୍ୱନାଥ ପଣ୍ଡା ୫୪୦, ରାଣୀପଡ଼ା ଭଗବତୀ ବିଦ୍ୟାପୀଠର ଲକ୍ଷ୍ମୀପ୍ରିୟା ମହାରାଣା ୫୪୦, ବିରୁଡ଼ା କାଳନ୍ଦି ସୁରୁଜ ବିଦ୍ୟାପୀଠର ଶିବାନୀ ସାହୁ ୫୪୦, ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ସୁଲଗ୍ନା ପ୍ରଧାନ ୫୪୦, ସାକେରୀ ରାହାସ ବିଦ୍ୟାପୀଠର ସୋନାଲି ପ୍ରଧାନ ୫୪୦, ମଝିଆଖଣ୍ଡ ରଘୁନାଥ ନୋଡାଲ ହାଇସ୍କୁଲର ବର୍ଷା ପ୍ରିୟଦର୍ଶିନୀ ସ୍ୱାଇଁ ୫୪୦, ଓଡ଼ଗାଁ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ୱୟଂପ୍ରଜ୍ଞା ମହାନ୍ତି ୫୪୦, ମାନଧାତାପୁର ଆଙ୍କୁଲାଇ ନୋଡାଲ ହାଇସ୍କୁଲର ବିଶ୍ୱଜିତ ପ୍ରଧାନ ୫୪୦, ଓଡ଼ଗାଁ ଆରଏନ ବିଦ୍ୟାପୀଠର ନାରାୟଣ ସାହୁ ୫୪୦, ବାଉଁଶିଆପଡ଼ା ଜନତା ନୋଡାଲ ବିଦ୍ୟାପୀଠର ଧରମାନନ୍ଦ ବେହେରା ୫୪୦, ଆଡ଼କଟା ପଦ୍ମନାଭ ହାଇସ୍କୁଲର ବର୍ଷାରାଣୀ ଜେନା ୫୪୦, କୁରାଳ ନୋଡାଲ ହାଇସ୍କୁଲର ସ୍ଥିତପ୍ରଜ୍ଞା ପାଣିଗ୍ରାହୀ ୫୪୦, ବଡ଼ଗୋରଡ଼ା କୁବେର ଲୋକନାଥ ଉଚ୍ଚ ବିଦ୍ୟାଳୟର ସ୍ୱାଗତ ପରିଡ଼ା ୫୪୦, ଡିମିରିଝରୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବିଶ୍ୱମୟୀ ପରିଡ଼ା ୫୪୦ ମାର୍କ ରଖି ଏ-୧ ଗ୍ରେଡ୍‌ରେ ପାସ୍ କରିଛନ୍ତି।

### ବ୍ଲକ୍ ଟପ୍ପର


ସରୋଜ କୁମାର ଜେନା (୫୭୨) ନୟାଗଡ଼ ସଦର


ସସ୍ମିତା ବେହେରା, (୫୫୪) ଭାପୁର


ରଶ୍ମିତା ସାହୁ, (୫୪୬) ନୂଆଗାଁ


ଅଜିତ୍ କୁମାର ତ୍ରିପାଠୀ (୫୫୭) ଖଣ୍ଡପଡ଼ା


ବିଷ୍ଣୁପ୍ରସାଦ ସାହୁ, (୫୫୭) ଓଡ଼ଗାଁ


ବର୍ଷାରାଣୀ ଜେନା, (୫୪୦) ଗଣିଆ


ପ୍ରତାପରୁଦ୍ର ଘଡ଼ାଇ, (୫୬୧) ରଣପୁର

### ଏ-୧ ତାଲିକାରେ ନାହିଁ ଦଶପଲ୍ଲା ବ୍ଲକ

**ନୟାଗଡ଼,୨।୫(ସମିସ):** ନୟାଗଡ଼ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥାର ଚିତ୍ର ଜଳଜଳ ଦେଖାଯାଉଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଦଶପଲ୍ଲା ବ୍ଲକରେ ଜଣେ ବି ହେଲେ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ପାସନ କରି ନ ଥିବା ବେଳେ ଭାପୁର ବ୍ଲକରେ ଜଣେ ମାତ୍ର ଏ-୧ ପାଇଛନ୍ତି। ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଏନ୍‌ଏସି ଉଚ୍ଚ ବିଦ୍ୟାଳୟରେ କେହି ଏ-୧ ଗ୍ରେଡ୍ ନ ପାଇବା ପରିତାପର ବିଷୟ ହୋଇଛି। ଜିଲ୍ଲା ସଦର ମହକୁମା ସରକାରୀ ଶିକ୍ଷା ଅନୁଷ୍ଠାନର ବିକଳ ଚିତ୍ର ସାମ୍ନାକୁ ଆସିଛି।

**ବଜେନ୍ଦ୍ର ଓ ଏନ୍‌ଏସି ଉଚ୍ଚ ବିଦ୍ୟାଳୟରେ ବି ଶୂନ**

---

**● ଚାନ୍ଦପୁରରେ ହେବ ହୋମିଓପାଥି ମେଡିକାଲ କଲେଜ !**

## ଭିତ୍ତିଭୂମି ପରଖିଲେ ଆୟୁଷ ନିର୍ଦ୍ଦେଶିକା

**ନୟାଗଡ଼,୨।୫(ସମିସ):** ରାଜ୍ୟ ସରକାର ନୟାଗଡ଼ ଜିଲ୍ଲାରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରିଥିଲେ। ସରକାରଙ୍କ ନିର୍ଦ୍ଦେଶରେ ନୟାଗଡ଼ ଜିଲ୍ଲା ପ୍ରଶାସନ ଏଥିପାଇଁ ଜମି ଖୋଜୁଥିଲା। ୧୦ ଏକର ଜମି ଖୋଜା ଯାଉଥିବା ବେଳେ ଚାନ୍ଦପୁର ବସନ୍ତ ମଞ୍ଜରୀ ଚିକିତ୍ସାଳୟରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ଶନିବାର ଆୟୁଷ ମନ୍ତ୍ରାଳୟ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ଚିକିତ୍ସାଳୟରେ ଭିତ୍ତିଭୂମି ପରଖିଛନ୍ତି। ତାଙ୍କ ସହ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସ୍ୱାଇଁ, ରଣପୁର ତହସିଲଦାର ଆର୍ଯ୍ୟକୁମାର ସର୍ବଦମନ ଉପସ୍ଥିତ ଥିଲେ। ଉକ୍ତ ସ୍ଥାନରେ ହୋମିଓପାଥି ମେଡିକାଲ କଲେଜ ସ୍ଥାପନ କଲେ ଓପିଡି ପାଇଁ ସମସ୍ତ ବ୍ୟବସ୍ଥା ଓ ଭିତ୍ତିଭୂମି ରହିଥିବା ଆଲୋଚନା କରାଯାଇଛି। ଏନେଇ ନିର୍ଦ୍ଦେଶିକା ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବା ପରେ ଘୋଷଣା ହେବା ସମ୍ଭାବନା ରହିଛି। ଜିଲ୍ଲାରେ ଏକ ମେଡିକାଲ କଲେଜ ନିର୍ମାଣ ପାଇଁ ଜିଲ୍ଲାବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ। ରାଜ୍ୟ ସରକାର ନୟାଗଡ଼ ଜିଲ୍ଲାରେ ହୋମିଓପାଥି ମେଡିକାଲ କଲେଜ ନିର୍ମାଣ ପାଇଁ ଘୋଷଣା କରିବା ପରେ ଜିଲ୍ଲାରେ ଏକ ଆଲୋପାଥି ମେଡିକାଲ କଲେଜ ସ୍ଥାପନ ପାଇଁ ଦାବି ଜୋର ଧରିଛି।



**● ମଦ ପିଇବାକୁ ବାରଣ କରିବାରୁ ମରଣାନ୍ତକ ଆକ୍ରମଣ**

## ଯୁବକ ଗୁରୁତର, ୩ ଜଣଙ୍କ ନାଁରେ ମାମଲା

**ଖଣ୍ଡପଡ଼ା,୨।୫(ସମିସ):** ଖଣ୍ଡପଡ଼ା ଥାନା ଖଳିସାହି ପଞ୍ଚାୟତ ପୁଆଣିଆଁ ଗ୍ରାମରେ ଗତ ୨୯ ତାରିଖ ଏକ ବିବାହ ଶୋଭାଯାତ୍ରା ବେଳେ ସେହି ଗ୍ରାମର ଦୀପକ ପରିଡ଼ା ଏକ ଗୁହାଳ ଘରେ ମଦ୍ୟପାନ କରିବାକୁ ଯାଉଥିବା ବେଳେ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ଗ୍ରାମର ଅଶୋକ ବେହେରା। ଏକ ବିଅର ବୋତଲ ସହାୟତାରେ ଦୀପକ ଅଶୋକଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଛି। ଦୀପକଙ୍କ କାରନାମାକୁ ସମର୍ଥନ ଜଣାଇ ତାଙ୍କ ବାପା ଓ ମା' ମଧ୍ୟ ଗାଁ ମଝିରେ ଅଶୋକଙ୍କ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଶୋକଙ୍କୁ ଗ୍ରାମବାସୀ ଓ ଅରୁଣ ବେହେରା ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଅଶୋକ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରେ ପୁଲିସ ଦୀପକ, ତାଙ୍କ ବାପା ଶଶିଧର ପରିଡ଼ା ଓ ମା' ପୁଷ୍ପଲତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ କୃତିବାସ ହରିଚନ୍ଦନ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତି ନ ଥାଇ ମଧ୍ୟ ପ୍ରତିପକ୍ଷଙ୍କ ଅଭିଯୋଗ କ୍ରମେ ପୁଲିସ ପୁଆଣିଆଁ ଗ୍ରାମର ଅରୁଣ କୁମାର ବେହେରା ଓ ତାଙ୍କ ପୁଅ ନାମରେ ମାମଲା ରୁଜୁ କରିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିପ୍ରତି ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ତେବେ ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଆହତ ଯୁବକଙ୍କ ପରିବାର ଲୋକ ଓ ପୁଆଣିଆଁ ଗ୍ରାମବାସୀ ଦାବି କରିଛନ୍ତି।

**● ଦେଓଗାଁରେ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ ଦାବି**

## ମଙ୍ଗଳବାରଠୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ନୟାଗଡ଼,୨।୫(ସମିସ):** ଓଡ଼ଗାଁ ବ୍ଲକ ପାଣ୍ଡେରିପଡ଼ା ପଞ୍ଚାୟତ ଦେଓଗାଁକୁ ପୂର୍ତ୍ତ ରାସ୍ତା ସଂଯୋଗ ଦାବିରେ ମଙ୍ଗଳବାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେବେ। ଏନେଇ ଗ୍ରାମବାସୀ ସୂଚନା ଦେଇଛନ୍ତି। ରଙ୍ଗଣୀପାଟଣାଠାରୁ ସୁନାମୁହିଁ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ରାସ୍ତା ଦେଓଗାଁଠାରୁ ଦୀର୍ଘ ୨୪ ବର୍ଷ ଧରି ଅଟକି ରହିଛି। ଏଥିପାଇଁ ବାରମ୍ବାର ସ୍ଥାନ ନିରୂପଣ କରି ଓଡ଼ଗାଁ ତହସିଲଦାର ନୟାଗଡ଼ ପୂର୍ତ୍ତ ବିଭାଗକୁ ରାସ୍ତା ନିର୍ମାଣ ନିମନ୍ତେ ଉପଯୁକ୍ତ ନକ୍ସା ଓ ଆବଶ୍ୟକ କାଗଜପତ୍ର ପ୍ରଦାନ କରିସାରିଛନ୍ତି। କିନ୍ତୁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁନାହିଁ। ଏଥିପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ସେପ୍ଟେମ୍ବର ୨ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ। ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ପୂର୍ତ୍ତବିଭାଗ ଯନ୍ତ୍ରୀ, ଜେଇ ଏବଂ ଏସଡିଓ ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ରାସ୍ତା କାର୍ଯ୍ୟ ସମାପ୍ତ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏଯାଏଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ ଆସନ୍ତା ମଙ୍ଗଳବାରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**ଭାରପ୍ରାପ୍ତ ଅଧକ୍ଷାଙ୍କୁ ବଦଳି ଦାବି**

## କଲେଜ ସମ୍ମୁଖରେ ଧାରଣାରେ ବସିଲେ କର୍ମଚାରୀ



**ନୟାଗଡ଼,୨।୫(ସମିସ):** ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ଏବଂ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଧକ୍ଷାଙ୍କ ଅତ୍ୟାଚାର ସହି ନ ପାରି ସମସ୍ତ କର୍ମଚାରୀ ଆନ୍ଦୋଳନ କରିବାକୁ ଆଗେଇ ଆସିଛନ୍ତି। ଅଧକ୍ଷା ସଲୀଲା ସେଠୀଙ୍କ ବଦଳି ଦାବି କରିଛନ୍ତି। ଏ ନେଇ କଲେଜର ପ୍ରାୟ ୧୦ରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ଶନିବାର କଲେଜ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନେ ଏ ନେଇ ଲିଖିତ ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ, ଗଣଶିକ୍ଷା ମନ୍ତ୍ରୀ, କନ୍ଧମାଳ ସାଂସଦ, ହ୍ୟୁମାନ ରାଇଟ୍ସ କମିଶନ, ଶିକ୍ଷା ସଚିବ, ଜିଲ୍ଲାପାଳ, କଲେଜ ପରିଚାଳନା ସମିତି ସଭାପତି ତଥା ନୟାଗଡ଼ ଉପଜିଲ୍ଲାପାଳ ଓ ଗଣିଆ ଥାନାକୁ ଅବଗତ କରିଛନ୍ତି। ଅଧକ୍ଷା କଲେଜରେ କର୍ମଚାରୀଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ଦରମା ନ ଦେବା, ଖରାପ ଭାଷାରେ ଗାଳି କରିବା, ମନମୁଖି ଶାସନ କରିବା, ଦୁଇ ବର୍ଷ ଧରି ନିଜେ କ୍ଲାସ ନ କରିବା, ଗୋଟିଏ କଲେଜର ସୁପରିନଟେଣ୍ଡେଣ୍ଟ ହୋଇଥିଲେ ମଧ୍ୟ ସ୍ୱାମୀଙ୍କ ହାତରେ ଟ୍ୟୁଟୋରିଆଲ ଚଲାଇ ଛାତ୍ରଛାତ୍ରୀଙ୍କୁ ପ୍ରଲୋଭିତ କରିବା, ନିଜ ଟ୍ୟୁଟୋରିଆଲ ପିଲାଙ୍କୁ ଇଣ୍ଟରନାଲରେ ଅଧିକ ମାର୍କ ଦେବା, କଥା କଥାରେ କର୍ମଚାରୀଙ୍କୁ ଆଇନର ଧମକ ଦେବା, ଇପିଏଫ ଦୁର୍ନୀତିରେ ଲିପ୍ତ ରହିବା ଭଳି ଅନେକ ଅଭିଯୋଗ ଅଧକ୍ଷାଙ୍କ ବିରୋଧରେ ଆସିଛି। ଦୀର୍ଘଦିନ ଧରି ନିର୍ଯାତନାର ଶିକାର ହେବା ପରେ କର୍ମଚାରୀମାନେ ମୁହଁ ଖୋଲିଛନ୍ତି। ଅଧକ୍ଷାଙ୍କୁ କଲେଜରୁ ହଟାଇ କଲେଜକୁ ବଞ୍ଚାଇବାକୁ ସେମାନେ ଦାବି କରିଛନ୍ତି। ଯେପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷାଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇ ନାହାନ୍ତି। ତେବେ ଏକ ଭିଡିଓ ବାର୍ତ୍ତାରେ ସେ କହିଛନ୍ତି ଯେ କର୍ମଚାରୀମାନେ ମତେ କିଛି ନ ଜଣାଇ ଧାରଣାରେ ବସିଛନ୍ତି। ଯଦି କିଛି ଅସୁବିଧା ଅଛି ତେବେ ମୋ ସହ ଆଲୋଚନା କରିବା କଥା ବୋଲି କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଦୋକାନରେ ନିଆଁଲାଗି ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଖଣ୍ଡପଡ଼ା/ଭାପୁର,୨।୫(ସମିସ):** ଫତେଗଡ଼ ଥାନା ରାଣୀଛେଳି ପଞ୍ଚାୟତ କଳପଙ୍ଗୀ ଗ୍ରାମରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। କଳପଙ୍ଗୀ ଗ୍ରାମର ଗୟାଧର ପରିଡ଼ା (୭୦) ଗ୍ରାମରେ ଏକ ତେଜରାଜି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁଁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ଶୁକ୍ରବାର ସନ୍ଧ୍ୟାରେ ଦୋକାନରେ ଲଣ୍ଠନ ଲଗାଇ ସଉଦା ବିକ୍ରି କରୁଥିଲେ। ତେବେ ବିକ୍ରି ଉଦ୍ଦେଶ୍ୟରେ ବୋତଲରେ ରଖାଯାଇଥିବା ପେଟ୍ରୋଲରେ ଅସାବଧାନତା ଯୋଗୁଁ ନିଆଁ ଲାଗିଯାଇଥିଲା। ଫଳରେ ଦୋକାନରେ ଥିବା ତାଙ୍କ ସ୍ତ୍ରୀ ସୁବାସୀ ପରିଡ଼ା (୬୨) ଓ ଗୟାଧରଙ୍କ ଦେହରେ ନିଆଁ ଲାଗି ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୁବାସୀଙ୍କ ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ସକାଳେ ଗାଁକୁ ଅଣାଯାଇଥିଲା। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ପ୍ରତାପ ପରିଡ଼ା ମୁଖାଗ୍ନି ଦେଇଥିଲେ।

## କେଏସବି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ଶରଣକୁଳ,୨।୫(ସମିସ):** କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା (କେଏସ୍‌ବି) ପବ୍ଲିକ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଛି। ସ୍କୁଲ ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଶିଶୁର ଅନ୍ତର୍ନିହିତ ଗୁଣ ପରିପ୍ରକାଶର ପ୍ରମୁଖ ସ୍ଥଳ ହେଉଛି ବିଦ୍ୟାଳୟ ଓ ବାର୍ଷିକ ଉତ୍ସବ ହେଉଛି ଏହାର ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଓଡ଼ଗାଁ ଏବିଇଓ ରାଜକିଶୋର ସାହୁ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲ ଅଧକ୍ଷ ନୀଳମାଧବ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୫ ଶିକ୍ଷା ବର୍ଷରେ ସରକାରୀ ମେଧାବୃତ୍ତି, ରାଜ୍ୟସ୍ତରୀୟ ଶିକ୍ଷା ପରିଷଦ ମେଧାବୃତ୍ତି, ଏନଆରଟିଏସ ମେଧାବୃତ୍ତି, ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ଓ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇଥିବା ୨ ଛାତ୍ରଛାତ୍ରୀ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହ ସମ୍ପାଦକ ରବୀନ୍ଦ୍ର କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

---

**ଜିଲ୍ଲା କାର୍ଯ୍ୟକାରିଣୀ ଓ ପ୍ରତିବାଦ ସଭା**

# ସାମ୍ବାଦିକଙ୍କ ଦାବି ପାଇଁ ଲଢ଼େଇ ଜାରି ରହିବ




**ନୟାଗଡ଼,୨।୫(ସମିସ)**

ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଶ୍ରମ ଦିବସ ଅବସରରେ ଏକ ପ୍ରତିବାଦ ସଭା ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଆବାହକତ୍ୱରେ ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପବିତ୍ର ମହାରଥା ଯୋଗଦେଇଥିଲେ। ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସାମ୍ବାଦିକଙ୍କ ନ୍ୟାଯ୍ୟ ଦାବି ଉପରେ ଆଲୋଚନା କରିଥିଲେ। ଉତ୍କଳ ସାମ୍ବାଦିକ ସଂଘର ପୂର୍ବତନ ସଭାପତି ଦେବପ୍ରସାଦ ମିଶ୍ରଙ୍କ ପରଲୋକରେ ନିରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକଙ୍କ ଦାବି ପୂରଣ ପାଇଁ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଗତ ୨୯ ତାରିଖ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରମ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକମାନେ କଳାବ୍ୟାଜ୍ ପରିଧାନ କରିଥିବା ବେଳେ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ଶତାଧିକ ସାମ୍ବାଦିକ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ।

ରାଜ୍ୟ ସଭାପତି କର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଗତ ସରକାର ସମୟରେ ରାଜ୍ୟ ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗଦେଇ ତତ୍କାଳୀନ ବିରୋଧି ଦଳ ମୁଖ୍ୟ ଛାଟିଆ ତଥା ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମତାକୁ ଆସିବା ପରେ ସାମ୍ବାଦିକଙ୍କ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର କ୍ଷମତାକୁ ଆସିବାକୁ ୨ ବର୍ଷ ବିତିଥିଲେ ସୁଦ୍ଧା ସାମ୍ବାଦିକଙ୍କ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଥିଲେ। ଗତ ବିଧାନସଭା ଅଧିବେଶନରେ ସାମ୍ବାଦିକଙ୍କ କୌଣସି ଦାବି ସରକାରଙ୍କ ପାଖରେ ଅଟକି ନ ଥିବା ତଥା ସାମ୍ବାଦିକଙ୍କ ପାଇଁ ସରକାରଙ୍କ କୌଣସି ଯୋଜନା ନ ଥିବା ନେଇ ମୁଖ୍ୟମନ୍ତ୍ରୀ ବିବୃତି ରଖି ସମସ୍ତଙ୍କୁ ବିସ୍ମିତ କରିଛନ୍ତି। ବିଭିନ୍ନ ରାଜ୍ୟରେ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯାଉଥିବା ନେଇ ସରକାରଙ୍କୁ ଅବଗତ କରାଯାଇଥିବା ବେଳେ ଓଡ଼ିଶା ସରକାର ସାମ୍ବାଦିକଙ୍କ କଲ୍ୟାଣ ପାଇଁ କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ୧୦ ଦଫା ଦାବି ନେଇ ଲଢ଼େଇ ଜାରି ରଖିବ ବୋଲି ସେ ସୂଚନା ଦେଇଥିଲେ। ଅଧିସ୍ୱୀକୃତି କମିଟି ପୁନର୍ଗଠନ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ଓଡ଼ିଶା ପ୍ରେସ ଏକାଡେମୀ ଗଠନ, ରାଜଧାନୀରେ ସାମ୍ବାଦିକ ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ପିତାମାତା ଏବଂ ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନିର୍ଭରଶୀଳ ସନ୍ତାନଙ୍କୁ ସାମିଲ, ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ ଲକ୍ଷକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ସାମ୍ବାଦିକମାନେ ଏକାଠି ହେଲେ ସରକାର ଦାବି ପୂରଣ କରିବାକୁ ବାଧ୍ୟ ହେବେ ବୋଲି ସଂଘ ଉପଦେଷ୍ଟା କହିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବାକୁ ମତ ପ୍ରକାଶ ପାଇଥିଲା। ସେହିପରି ଓଡ଼ଗାଁର ଅଶୋକ ମହାପାତ୍ର, ଦଶପଲ୍ଲା ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶ, ଗଣିଆର ଦେବୀପ୍ରସାଦ ଦାଶ, ଖଣ୍ଡପଡ଼ାର ଚିତ୍ତରଞ୍ଜନ ମିଶ୍ର, ଭାପୁରର ଶୁଭେନ୍ଦ୍ର ପଟ୍ଟନାୟକ, ରଣପୁରର ପ୍ରସନ୍ନ ସାମନ୍ତରାୟ, ନୂଆଗାଁର ସୁକେନ୍ଦୁ ଦାସ, ନୟାଗଡ଼ର ରଜତ ପଟ୍ଟନାୟକ, ନିର୍ମଳ ଚନ୍ଦ୍ର ସୁରଦେଓ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଶ୍ୱଜିତ ନାୟକ, ବିଭୂତିଭୂଷଣ ସ୍ୱାଇଁ ନୀହାର ପଟ୍ଟନାୟକ, ରବୀନ୍ଦ୍ର କୁମାର ଦାଶ, ଅନୀଲ କୁମାର ପଣ୍ଡା, ସନ୍ତୋଷ ନାୟକ, ଅମିତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋର୍ଦ୍ଧା ଜିଲ୍ଲାରେ ପାସ୍ ହାର ୯୭.୧୭%; ଛାତ୍ରୀ ଆଗରେ

ଖୋର୍ଦ୍ଧା,୨।୫(ସମିସ)

ଚଳିତ ବର୍ଷ ମାଧମିକ ଶିକ୍ଷା ପରିଷଦ ତରଫରୁ ମାଟ୍ରିକ ପରୀକ୍ଷା ଫଳାଫଳ ଆଜି ପ୍ରକାଶ ପାଇଛି । ଚଳିତ ବର୍ଷ ଜିଲ୍ଲାରେ ୯୭.୧୭ପ୍ରତିଶତ ପାସ ହାର ରହିଛି । ଯାହା ଗତବର୍ଷ ତୁଳନାରେ .୧୪ପ୍ରତିଶତ କମ୍ ରହିଛି । ଗତବର୍ଷ କିନ୍ତୁ ଛାତ୍ର ଆଗରେ ରହିଥିବାବେଳେ ଚଳିତ ବର୍ଷ ଜିଲ୍ଲାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀଙ୍କ ପାସହାର ଅଧିକ ରହିଛି । ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାର ୩୩୮ ବିଦ୍ୟାଳୟ ୨୮୧୯୨ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବାବେଳେ



## ୯୭ଟି ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ

୨୭୯୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ୨୭୧୫୮ ଛାତ୍ରଛାତ୍ରୀ ପାସ କରିଥିବାବେଳେ ତନ୍ମଧ୍ୟରେ ୧୩୩୮୩ ଜଣ ଛାତ୍ର ଏବଂ ୧୩୭୭୫ଜଣ ଛାତ୍ରୀ ରହିଛନ୍ତି ବୋଲି ଜିଲ୍ଲା ଶିକ୍ଷାଅଧିକାରୀ ସୋନାମିକା ରାୟଙ୍କ ସୂତ୍ରରୁ ଜଣାଯାଇଛି । ୨୪୨ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହିଥିବାବେଳେ ଚଳିତ ବର୍ଷ ୭୯୨ଜଣ ଫେଲ ହୋଇଛନ୍ତି ।

ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଏ-୧ ଗ୍ରେଡ୍ ରେ ଭଲ ପ୍ରଦର୍ଶନ କରିଛନ୍ତି ଛାତ୍ରଛାତ୍ରୀ । ଗତବର୍ଷ ଏ-୧ ୧୭୫ଜଣ ପାଇଥିବାବେଳେ ଚଳିତ ବର୍ଷ କିନ୍ତୁ ଏହା ବୃଦ୍ଧି ହୋଇ ୧୮୨ରେ ପହଁଚିଛି । ସେହିପରି ଏ-୨ ରେ ୧୦୭୮, ବି-୧ ରେ ୨୫୪୬, ବି-୨ ରେ ୪୮୩୮, ସି- ରେ ୫୭୮୭, ଡି ରେ ୭୧୩୬, ଇ ରେ ୪୫୯୧ଜଣ ରହିଛନ୍ତି । ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲାର ୯୭ଟି ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ରହିଛି । ଜିଲ୍ଲାର ଅଧିକାଂଶ ସରକାରୀ ବିଦ୍ୟାଳୟର ଫଳାଫଳ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଉତମ ହୋଇଥିବାବେଳେ ଘରୋଇ ଶିକ୍ଷାନୁଷ୍ଠାନର ଫଳାଫଳ ମଧ ଭଲ ହୋଇଥିବା ଜଣାଯାଇଛି । ଚଳିତ ବର୍ଷ ଜିଲ୍ଲାର ଏକାଧିକ ସରକାରୀ ଉଚ୍ଚ ବିଦ୍ୟାଳୟର ଫଳାଫଳ ଉତମ ରହିଛି । ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲାର ୫୫ ସରକାରୀ ବିଦ୍ୟାଳୟର ୭୭ଜଣ ରହିଛନ୍ତି । ଜିଲ୍ଲାରେ ଇଟିପୁର ଆଂଚଳିକ ନୋଡାଲ ହାଇସ୍କୁଲ ର ପରୀକ୍ଷାର୍ଥୀ ସର୍ବାଧିକ ନମ୍ବର ରଖି ଜିଲ୍ଲାରେ ୧ନଂ ରେ ରହିଛନ୍ତି । ଚଳିତ ମାଟ୍ରିକ ପରୀକ୍ଷାରେ ପାସ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ଶୁଭେଚ୍ଛା ଜଣାଇଛନ୍ତି ।

କଠିନ ପରିଶ୍ରମ ଏବଂ ନିରନ୍ତର ସାଧନା ସଫଳତା ଆଣେ । ଶୃଙ୍ଖଳିତ ଜୀବନଶୈଳୀ ଏବଂ ଗୁରୁଜନଙ୍କ ଆର୍ଶୀବାଦ ରହିଲେ, ଜୀବନରେ ସଫଳତାର ଶୀର୍ଷ ସ୍ପର୍ଶ କରିପାରିବ ବୋଲି ପିଲାଙ୍କୁ ଶ୍ରୀମତୀ ରାୟ ପରାମର୍ଶ ଦେଇଛନ୍ତି । ସେହିପରି ବୋର୍ଡ ପକ୍ଷରୁ ପ୍ରଥମ ଥର ପାଇଁ ପାସ୍ ସାର୍ଟିଫିକେଟ୍ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପ୍ରମାଣପତ୍ର ପ୍ରଦାନ କରାଯାଉଛି । କୃତକାର୍ଯ୍ୟ ଛାତ୍ରଛାତ୍ରୀମାନେ ବୋର୍ଡର ୱେବସାଇଟରୁ ସେମାନଙ୍କ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ । ଏଥିସହିତ ଯେଉଁ ପରୀକ୍ଷାର୍ଥୀମାନେ ନିଜର ମାର୍କ ସନ୍ତୋଷଜନକ ନଥିବା ମନେ କରୁଛନ୍ତି, ସେମାନେ ଫଳାଫଳ ପ୍ରକାଶ ପାଇବାର ଏକ ମାସ ମଧ୍ୟରେ ପୁନଃ ଯାଂଚ ପାଇଁ ବୋର୍ଡ ନିକଟରେ ଆବେଦନ କରିପାରିବେ ବୋଲି ଶ୍ରମତୀ ରାୟ କହିଛନ୍ତି । ସେହିପରି ଚଳିତ ବର୍ଷ ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ମନଦୁଃଖ ନକରି ଆଗାମୀ ସପ୍ଲିମେଂଟାରୀ ପରୀକ୍ଷା-୨୦୨୬ ରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇବେ ବୋଲି କହିଥିଲେ ।

ତେବେ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁରୁଜଙ୍ଗ ଚଳିତ ବର୍ଷ ୧୪୨ଜଣ ପରୀକ୍ଷା ଦେଇଥିବାବେଳେ ୧୩୨ଜଣ ପାସ କରିଛନ୍ତି । ପାସହାର ୯୩ପ୍ରତିଶତ ରହିଛି । ୧୦ଜଣ ପରୀକ୍ଷାର୍ଥୀ ଫେଲ ହୋଇଛନ୍ତି । ଏଥିରୁ ଏ-୧ ଓ ଏ-୨ ରେ କେହି ଛାତ୍ରଛାତ୍ରୀ ନାହାନ୍ତି । ବି-୧ ରେ ୮ଜଣ, ବି-୨ ରେ ୨୬ଜଣ, ସିରେ ୪୩, ଡି-୩୯, ଇ-ରେ ୧୬ଜଣ ରହିଛନ୍ତି । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ବର୍ଷର ଫଳାଫଳ ଶତପ୍ରତିଶତ ରହିଛି । ୨୧୨ଜଣ ପରୀକ୍ଷା ଦେଇଥିଲେ । ସେଥିରୁ ଏ-୧ ରେ ୪ଜଣ, ଏ-୨ ରେ ୧୫, ବି-୧ ରେ ୪୦, ବି-୨ରେ ୬୨, ସି-୬୩, ଡି-୨୫, ଇ ରେ ୩ଜଣ ରହିଛନ୍ତି । ବିଦ୍ୟାଳୟର ଅର୍ପିତା ପ୍ରିୟଦର୍ଶିନୀ ସାମନ୍ତରାୟ ୫୬୦ ନମ୍ବର ରଖି ଖୋର୍ଦ୍ଧା ପୌରାଂଚଳରେ ପ୍ରଥମ ସ୍ଥାନରେ ରହିଛନ୍ତି । ସେହିପରି ଆୟୁସ୍ମାନ ପାଲଟାସିଂହ ୫୫୯, ଅଭିଜିତ ପ୍ରହରାଜ ୫୪୫ ଏବଂ ଶୁଭମ କୁମାର ସାହୁ ୫୪୦ନଂ ରଖିଛନ୍ତ ବୋଲି ପ୍ରଧାନ ଆଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର ଜଣାଇଛନ୍ତି ।

## ସତ୍ୟବ୍ରତ ପାଣିଗ୍ରାହୀ ବେଗୁନିଆ ବ୍ଲକ୍ ଟପ୍ପର



ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ (୫୫୬) ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି ।ସେ ଡାକ୍ତରୀ ପାଠ ପଢି ଅସହାୟ ଗରିବ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି ।

## ସିପ୍ରାରାଣୀ ବୋଲଗଡ଼ ବ୍ଲକ୍ ଟପ୍ପର



ବୋଲଗଡ ସଦର ମହକୁମାସ୍ଥିତ ପିଏମଶ୍ରୀ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସିପ୍ରାରାଣୀ ଦ୍ୱାରି (୫୫୯) ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି । ସେ ଡାକ୍ତରୀ ପାଠ ପଢି ଲୋକଙ୍କ ସେବା କରିବେ ବୋଲି କହିଛନ୍ତି ।

## ଟାଙ୍ଗୀ ବ୍ଲକ୍ ଟପ୍ପର ହେଲେ ଗୁରୁପ୍ରସାଦ



**ନିରାକାରପୁର** : ଚଳିତ ବର୍ଷର ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ ବ୍ଲକର ରମାବିଲି ସ୍ଥିତ ରାମଚନ୍ଦ୍ର ବିଦ୍ୟାନିକେତନର ଛାତ୍ର ଗୁରୁପ୍ରସାଦ ଶତପଥୀ ଅସାଧାରଣ ସଫଳତା ହାସଲ କରିଛନ୍ତି । ଗୁରୁପ୍ରସାଦ ମୋଟ ୬୦୦ ମାର୍କରୁ ୫୬୯ ମାର୍କ (୯୪.୮%) ରଖି ଟାଙ୍ଗୀ ବ୍ଲକର ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ଶ୍ରୀକାନ୍ତ କୁମାର ଶତପଥୀଙ୍କ ସୁପୁତ୍ର ଗୁରୁପ୍ରସାଦ ଆରମ୍ଭରୁ ଜଣେ ପରିଶ୍ରମୀ ଓ ଶାନ୍ତ ସ୍ୱଭାବର ଛାତ୍ର ଭାବେ ପରିଚିତ । ନିଜ ପ୍ରତିକ୍ରିୟାରେ ଗୁରୁପ୍ରସାଦ ଏହି ସଫଳତାର ଶ୍ରେୟ ନିଜ ପିତାମାତା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି ।

## ଏ-୧ ଗ୍ରେଡ୍‌ରେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ

**ନିରାକାରପୁର** : ବଡପୋଖରିଆ, ଡମଣଭୂମି, ଲେଣ୍ଡୋ ଓ ନରଣଗଡ, ରମାବିଲି ଅଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକରେ ମାଟ୍ରିକ ସଫଳତାର ଉତ୍ସବ ଦେଖିବାକୁ ମିଳିଛି । ବଡପୋଖରିଆ ସ୍ଥିତ ନିଗମାନନ୍ଦ ବିଦ୍ୟା ନିକେତନର ଛାତ୍ରୀ ବନ୍ଦନା ପ୍ରିୟଦର୍ଶିନୀ ୫୬୦ ନମ୍ବର ରଖି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ, ନିରାକାରପୁର ଆର୍ଯ୍ୟ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇ ଛାତ୍ର ରିତେଶ ନାୟକ (୫୫୧) ଓ ଚିନ୍ମୟ ପାଇକରାୟ (୫୪୦) ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି ।ସେହିପରି ଓଳସିଂହ ପଞ୍ଚାୟତ ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟର ଲୋପାମୁଦ୍ରା ସାହୁ ୫୫୦ ନମ୍ବର, ଲେଣ୍ଡୋ ପଦ୍ମ ଚରଣ ବିଦ୍ୟାପୀଠର ଶୁଭ ଦର୍ଶନୀ ଦାସ ୫୪୩ ନମ୍ବର ଏବଂ ନରଣଗଡ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରିୟାଂଶୁ ପ୍ରିୟବ୍ରତ ମହାପାତ୍ର ୫୪୦ ନମ୍ବର, ଗୁରୁ ପ୍ରସାଦ ଶତପଥି ରାମଚନ୍ଦ୍ର ବିଦ୍ୟାନିକେତନ, ରମାବିଲି ମାର୍କ -୫୬୯ ହାସଲ କରିଛନ୍ତି । ସମସ୍ତ କୃତୀ ଶିକ୍ଷାର୍ଥୀ 'ଏ-ୱାନ' ଗ୍ରେଡ୍ ପାଇ ଅଞ୍ଚଳର ଗୌରବ ବୃଦ୍ଧି କରିଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଚିଲିକା ଓ ବାଣପୁର ଦୁଇ ବ୍ଲକ୍‌ରେ ଛାତ୍ରୀ ଟପ୍ପର

**ବାଲୁଗାଁ, ୨।୫(ସମିସ):** ମାଧମିକ ଶିକ୍ଷା ପରିଷଦ ପକ୍ଷରୁ ମେ ୨ତାରିଖ ଶନିବାର ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି । ପ୍ରକାଶିତ ଫଳାଫଳରୁ ଜଣାଯାଇଛି ଯେ, ଚିଲିକା ଓ ବାଣପୁର ଦୁଇ ବ୍ଲକରେ ବାଜି ମାରିଛନ୍ତି ଛାତ୍ରୀ । ବାଣପୁର ବ୍ଲକରେ ପାସ ହାର ୯୭.୪୨ ପ୍ରତିଶତ ରହିଥିବା ବେଳେ ଚିଲିକା ବ୍ଲକରେ ପାସ ହାର ୯୭.୫୪ ପ୍ରତିଶତ ରହିଛି । ଉଭୟ ବ୍ଲକରେ ୨ଜଣ ଛାତ୍ରୀ ବ୍ଲକ ଟପର ହୋଇଛନ୍ତି । ଚିଲିକା ବ୍ଲକରେ ୫ ଜଣ ଏ-ଗ୍ରେଡ଼ରେ ପାସ କରିଥିବା ବେଳେ ବାଣପୁର ବ୍ଲକରେ ଜଣ ମାତ୍ର ଏ-୧ ଗ୍ରେଡ଼ରେ ପାସ କରି ବ୍ଲକ ଟପ୍ପର ହୋଇଛନ୍ତି । ଚିଲିକା ବ୍ଲକରେ ସମୁଦାୟ ୫ ଜଣ ଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କାଳୁପଡାଘାଟ ନୋଡାଲ ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ଟପ୍ପର ହୋଇଛନ୍ତି । ଚିଲିକା ବ୍ଲକର ବାଲୁଗାଁ ଉଚ୍ଚ ବିଦ୍ୟାଳୟର ସ୍ୱାଧିନ ପ୍ରଧାନ ଓ ଆଲୋକ ପରିମାଣିକ ଦୁଇ ଛାତ୍ର ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୁମାଣ୍ଡାଳ ଯୁବ ଜ୍ୟୋତି ହାଇସ୍କୁଲର ଛାତ୍ର ସୁକେଶ କୁମାର ପ୍ରଧାନ ଓ କାଳୁପଡାଘାଟ ଅରୋବିନ୍ଦ ଇଂଟେଗ୍ରାଲ ଏଜୁକେଶନ ର ଛାତ୍ର ଚିନ୍ମୟ ମହାପାତ୍ର ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣପୁର ବ୍ଲକର





ଗୋଦାବରିଶ ଉଚ୍ଚବିଦ୍ୟାଳୟ ନାଚୁଣୀର ଜଣେ ମାତ୍ର ଛାତ୍ରୀ ରୂପା ସେଣ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ଟପ୍ପର ବିବେଚିତ ହୋଇଛନ୍ତି ।

ବାଣପୁର ବ୍ଲକର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଣପୁର, ସରକାରୀ ଉଚ୍ଚବିଦ୍ୟାଳୟ ବଡଶିରେଇପୁର, ବିଶ୍ୱମ୍ବର ବିଦ୍ୟାନିକେତନ ଓଡଗାଁ ଏବଂ ଖାରବେଳ ଉଚ୍ଚବିଦ୍ୟାଳୟ ତୋରସିଂ ଆଦି ୪ଟି ବିଦ୍ୟାଳୟରେ ଶତ ପ୍ରତିଶତ ପାସ ହାର ରହିଛି । ଉକ୍ତ ବାଣପୁର ବ୍ଲକ ଅଧିନରେ ମୋଟ ୨୩ଗୋଟି ହାଇସ୍କୁଲର ୧୯୩୭ ଜଣ ଛାତ୍ର ଛାତ୍ରୀ ୮ଗୋଟି କେନ୍ଦ୍ରରେ ପରୀକ୍ଷା ଦେଇଥିବା ସ୍ଥଳେ ୧୧ଜଣ ଅନୁପସ୍ଥିତ ଥିଲେ । ସେହିପରି ଚିଲିକା ବ୍ଲକର ଭାଲେରୀ ହାଇସ୍କୁଲ ଚାଷଙ୍ଗରା, ଅରୋବିନ୍ଦ ଇଂଟେଗ୍ରାଲ ଏଜୁକେଶନ କାଳୁପଡାଘାଟ, ଶ୍ରୀ ଲୋକନାଥ ଦେବ ମାନସିଂହ ବିଦ୍ୟାପୀଠ ବିରିବାଡି ଓ ସୋମନାଥ ସେନାପତି ହାଇସ୍କୁଲ କୁମ୍ଭିରପଡ଼ା ଆଦି ୪ଗୋଟି ବିଦ୍ୟାଳୟରେ ଶତ ପ୍ରତିଶତ ପାସ ହାର ରହିଛି । ଉକ୍ତ ଚିଲିକା ବ୍ଲକ ଅଧିନରେ ମୋଟ ୧୭ ଗୋଟି ହାଇସ୍କୁଲର ୧୫୪୫ ଜଣ ଛାତ୍ର ଛାତ୍ରୀ ୯ଗୋଟି କେନ୍ଦ୍ରରେ ପରୀକ୍ଷା ଦେଇଥିବା ସ୍ଥଳେ ୮ଜଣ ଅନୁପସ୍ଥିତ ଥିଲେ ।

ଚିଲିକା ଓ ବାଣପୁର ଉଭୟ ବ୍ଲକ ଅଧିନରେ ବିଗତ ବର୍ଷ ମାତ୍ର ଜଣେ ଲେଖାଏଁ ପରୀକ୍ଷାର୍ଥୀ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଚଳିତ ବର୍ଷ ଚିଲିକା ବ୍ଲକରେ ୫ ଜଣେ ଓ ବାଣପୁର ବ୍ଲକରେ ଜଣେ ମାତ୍ର ପରୀକ୍ଷାର୍ଥୀ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଉକ୍ତ ୬ଜଣଙ୍କ ମଧ୍ୟରୁ ଉଭୟ ବ୍ଲକର ଦୁଇ ଛାତ୍ରୀ ବ୍ଲକ ଟପ୍ପର ହୋଇଥିବା ବେଳେ ଅନ୍ୟ ୪ଜଣ ଛାତ୍ର ଏ-୧ ଗ୍ରେଡରେ ରହିଛନ୍ତି । ତେବେ ଚିଲିକ ବ୍ଲକରେ ଏ-୨ରେ ୩୫, ବି-୧ରେ ୯୪ଜଣ , ବି-୨ରେ ୨୫୩ଜଣ, ସି ଗ୍ରେଡ଼ରେ ୩୪୬ଜଣ , ଡ଼ି ଗ୍ରେଡ଼ରେ ୪୮୫ଜଣ, ଇ ଗ୍ରେଡରେ ୨୯୦ଜଣ ଓ ଏଫ ଗ୍ରେଡରେ ୩୭ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଣପୁର ବ୍ଲକରେ ଏ-୨ରେ ୫୭, ବି-୧ରେ ୧୪୦ଜଣ , ବି-୨ରେ ୩୨୪ଜଣ, ସି ଗ୍ରେଡ଼ରେ ୪୮୦ଜଣ , ଡ଼ି ଗ୍ରେଡ଼ରେ ୫୩୬ଜଣ, ଇ ଗ୍ରେଡରେ ୩୪୨ଜଣ ଓ ଏଫ ଗ୍ରେଡରେ ୫୦ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ଏ -୧ ଗ୍ରେଡ୍‌ରେ ବେଗୁନିଆର ୭ ଜଣ

ବେଗୁନିଆ: ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ବେଗୁନିଆ ବ୍ଲକରେ ଜଣେ ଟପ୍ପର ହୋଇଥିବା ବେଳେ ୭ ଜଣ ଏ ୧ ଗ୍ରେଡରେ ସଫଳତା ହାସଲ କରିଛନ୍ତି । କଣ୍ଟାବାଡ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ ୫୫୬ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି । ବଡବେରଣା ଡିକେଏସଏନ ବିଦ୍ୟାପୀଠରେ ଛାତ୍ର ସତ୍ୟବ୍ରତ ମହାପାତ୍ର(୫୪୦), ଗଁପୁର ଭବାନୀ ଶଙ୍କର ବାଳିକା ହାଇସ୍କୁଲ ସ୍ମୃତି ସିମରନ ପଣ୍ଡା (୫୫୨), ସିକୋ ପଣ୍ଡିତ ଦାଶରଥି ବାଳିକା ହାଇସ୍କୁଲ ବିଷ୍ଣୁପ୍ରିୟା ମଙ୍ଗରାଜ(୫୪୧), ପିଏମଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସୁରଜ ପ୍ରଧାନ (୫୪୦), ସିକୋ ଚନ୍ଦ୍ର ଶେଖର ଦେବ ବିଦ୍ୟାପୀଠ ଦୀପକ କୁମାର ସାହୁ (୫୪୫), ପ୍ରଜ୍ଞା ପାରମିତା ସୁନ୍ଦରାୟ (୫୪୦) ଏବଂ ଡାଳତୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ଗାୟତ୍ରୀ ସାହୁ (୫୪୬) ।

### କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସହ ବର୍ଷା ଓ ବଜ୍ରପାତ

# ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ି ବିଦ୍ୟୁତ୍ ସରବରାହ ଠପ୍

**ବାଲୁଗାଁ,୨।୫(ସମିସ):** ବାଲୁଗାଁ ବାଣପୁର ତଥା ଚିଲିକା ଅଞ୍ଚଳରେ ବର୍ତ୍ତମାନ କିଛି ଦିନ ହେବ ଦିନ ତମାମ ଅସହ୍ୟ ଖରା ଓ ଗୁଳୁଗୁଳି ଅନୁଭୁତି ହେଉଥିବା ବେଳେ ସନ୍ଧ୍ୟା ହେଲେ ଆକାଶ ମେଘାଚ୍ଛନ୍ନ ଦେଖା ଦେଉଛି । ଗତ ଗୁରୁବାର କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବହିବା ସହ ଘଡ଼ ଘଡ଼ି ବଜ୍ରପାତ ଓ ଝଡ଼ ତୋଫାନ ସାଙ୍ଗକୁ ବର୍ଷା ହୋଇଥିଲା । କାଳ ବୈଶାଖୀ ବର୍ଷା ପବନ ପ୍ରଭାବରେ ଅଞ୍ଚଳରେ ବ୍ୟାପକ କ୍ଷୟ କ୍ଷତି ଘଟିଛି । ରାସ୍ତାରେ ବହୁ ଗଛ, ଡାଳ ଓ ବିଦ୍ୟୁତ ଖୁଣ୍ଟ ଉପୁଡି ପଡିଥିବା ଫଳରେ ଗୁରୁବାର ରାତ୍ରରୁ ଆଜକୁ ଦୁଇ ଦିନ ହେବ ଅଞ୍ଚଳରେ ବିଦ୍ୟୁତ ସରବରାହ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବା ବେଳେ ଯାତାୟତରେ ବାଧା ଉପୁଜି ଥିଲା । ଶୁକ୍ରବାର ସକାଳୁ ବିଦ୍ୟୁତ ବିଭାଗ ଓ ଅଗ୍ନୀଶମ ବିଭାଗ ପକ୍ଷରୁ କର୍ମଚାରୀ ମାନେ ବହୁ ଚେଷ୍ଟା କରି ବିଭିନ୍ନ ସ୍ଥାନରୁ ଗଛ ଡାଳ ହଟାଇ ରାସ୍ତା ସଫା କରିବା ସହ ଶୁକ୍ରବାର ବିଳମ୍ବିତ ରାତ୍ରରେ କିଛି ସ୍ଥାନରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରି ଥିବା ବେଳେ ଶନିବାର ଦିନ ତମାମ ବିଦ୍ୟୁତ ବିଭାଗର କର୍ମଚାରୀ ମାନେ କାର୍ଯ୍ୟ ଜାରି ରଖିଛନ୍ତି ହେଲେ ମଧ ଏଯାବତ ଅଞ୍ଚଳର ସମସ୍ତ ଗ୍ରାମରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇପାରି ନାହିଁ ।

### ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ

# ଆବଶ୍ୟକ ଜମିକୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମଞ୍ଜୁରୀ ପ୍ରଦାନ

**ଟାଙ୍ଗୀ,୨।୫(ସମିସ):** ଟାଙ୍ଗୀ ବ୍ଲକ ବଡ଼ପାରୀ ପଞ୍ଚାୟତ ବିଭାଜିତ ହୋଇ ୨୦୧୭ମସିହାରେ ନୂତନ ରାମଚନ୍ଦ୍ରପୁର ପଞ୍ଚାୟତ ଗଠିତ ହୋଇଥିଲା । କିନ୍ତୁ ପଞ୍ଚାୟତର କାର୍ଯ୍ୟାଳୟ ସ୍ଥାପନକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବା କାରଣରୁ ନେଇ ସରକାରଙ୍କ ତରଫରୁ ଆବଶ୍ୟକ ଅର୍ଥ ମଂଜୁର ହୋଇଥିଲେ ମଧ ନୂତନ କାର୍ଯ୍ୟାଳୟ ନିର୍ମାଣ ହୋଇପାରୁନଥିଲା । ସେହି ବର୍ଷ ଟାଙ୍ଗୀ ବ୍ଲକରେ ୬ଟି ନୂତନ ପଞ୍ଚାୟତ ଗଠିତ ହୋଇଥିଲା । ୪ଟି ପଞ୍ଚାୟତ ରେ ନୂତନ ଗୃହ ନିର୍ମାଣ ବହୁ ପୂର୍ବରୁ ହୋଇସାରିଥିବା ବେଳେ ଜାଗା ବିବାଦକୁ ନେଇ ଡିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତର କାର୍ଯ୍ୟାଳୟ ଭଡା ଘରେ ଚାଲୁଥିଲା । ତେବେ ଶନିବାର ଦିନ ରାମଚନ୍ଦ୍ରପୁର ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଜମିକୁ ଖୋର୍ଦ୍ଧା ଜିଲ୍ଲାପାଳ ମଞ୍ଜୁରୀ ଦେଇଥିବା ଜଣାପଡିଛି । ଟାଙ୍ଗୀ ତହସିଲ ତରଫରୁ ରାମଚନ୍ଦ୍ରପୁର ମୌଜା ର ଖାତା ନ ୪୬୫ ପ୍ଲଟ ନ ୧୧୨(ପି )ର ୮ଏକର ୬୦୫ଡେସିମିଲ ଗୋଚର କିସମ ଜମିରୁ ୭୪୦ଡେସିମିଲ ଜମିକୁ ମଞ୍ଜୁରୀ ଦେଇ ଖୋର୍ଦ୍ଧା ଜିଲ୍ଲାପାଳ ମଞ୍ଜୁରୀ ଦେଇ ଏହାକୁ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ହସ୍ତାନ୍ତର କରିଥିବା ଜିଲ୍ଲାପାଳ ଓ ଜିଲା ମାଜିଷ୍ଟ୍ରେଟଙ୍କ ଦପ୍ତର ର ରାଜସ୍ୱ ସେକସନ ଚିଠି ନ ୯୩୪୯/୨.୫.୨୦୨୬ଟାଙ୍ଗୀ ତହସିଲଦାରଙ୍କୁ ପ୍ରେରଣ କରାଯାଇ ତାହାର ନକଲ ଖୋର୍ଦ୍ଧା ଉପଜିଲ୍ଲାପାଳ ଓ ଟାଙ୍ଗୀ ବିଡ଼ିଓ ଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି । ଆଉ କେବଳ ଡିଆ ପଞ୍ଚାୟତ ର ନୂତନ କାର୍ଯ୍ୟାଳୟ ନିର୍ମାଣ ବାକି ରହିଲା ।

# ରେଳଧାରଣା କଡ଼ରେ ପଡ଼ିଛି ମୃତ ଷଣ୍ଢ

**ନିରାକାରପୁର,୨।୫ (ସମିସ):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଟକ ଠାରୁ ମାତ୍ର ୧୦୦ ମିଟର ଦୂରରେ ଏକ ଷଣ୍ଢ ଟ୍ରେନ ଧକ୍କାରେ ପ୍ରାଣ ହରାଇଥିବା ବେଳେ, ଦୀର୍ଘ ସମୟ ସେଠାରେ ପଡ଼ି ରହି ପଚି ସଢ଼ିବାକୁ ଲାଗିଲାଣି । ଫଳରେ ସେହି ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ସୃଷ୍ଟି ହୋଇଥିବାରୁ ଯାତ୍ରୀ ଓ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି । ସ୍ଥାନୀୟ ପରିବେଶ ପ୍ରଦୂଷିତ ହେବା ସହ ରୋଗ ବ୍ୟାପିବା ଆଶଙ୍କା ଦେଖାଦେଲାଣି । ରେଳ ବିଭାଗର ଏଭଳି ନିଷ୍କ୍ରିୟତା ବିରୋଧରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତୁରନ୍ତ ରେଳ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଷଣ୍ଢର ମୃତ ଦେହକୁ ଉଠାଇ ବୈଜ୍ଞାନିକ ପଦ୍ଧତିରେ ପୋତିବା ପାଇଁ ଅଞ୍ଚଳବାସୀ ଓ ଯାତ୍ରୀମାନେ ଜୋରଦାର ଦାବି କରିଛନ୍ତି ।

## ୟୁଜେଏର କଳାବ୍ୟାଜ୍ ପରିଧାନ

ଖୋର୍ଦ୍ଧା,୨।୫(ସମିସ): ସାମ୍ବାଦିକ ସୁରକ୍ଷା ଓ ପେନ୍‌ସନ୍ ଦାବୀ ରେ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯାଇଛି । ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗାଙ୍କ ନେତୃତ୍ୱ ରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର ପ୍ରସାଦ, ପ୍ରଦୀପ ବେହେରା, ସତ୍ୟପ୍ରକାଶ ସାହୁ, ସତ୍ୟ ନାରାୟଣ ପାଇକରାୟ, ପ୍ରଭାତ ପାଣିଗ୍ରାହୀ, ଅମିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ମାନଙ୍କ ସୁରକ୍ଷା, ପେନସନ ସହ ୬ଦଫା ଦାବି ନେଇ ସଂଘ ପକ୍ଷରୁ ଗତ ୨୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।

### ଖୋର୍ଦ୍ଧା ଜିଲ୍ଲା ପ୍ରେସ୍ କ୍ଲବ୍‌ର ନିର୍ବାଚନ

# ତପନ ନାୟକ ସଭାପତି, ପ୍ରକାଶ ହାତୀ ସମ୍ପାଦକ



**ଖୋର୍ଦ୍ଧା,୨।୫(ସମିସ):** ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ୍‌ର କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି । ଆଜି ଜିଲ୍ଲା ପ୍ରେସ କ୍ଲବ ପରିସରରେ ଆୟୋଜିତ ନିର୍ବାଚନ ରେ ସଭାପତି ପଦବୀ ନିମନ୍ତେ ତପନ କୁମାର ନାୟକ ଏବଂ ଶୁଭାଂଶୁ ରଞ୍ଜନ ସମାନ୍ତରାୟ ପ୍ରତିଦ୍ୱନ୍ଦିତା କରିଥିଲେ । ଏଥିରେ ବରିଷ୍ଠ ସାମ୍ବାଦିକ ତପନ କୁମାର ନାୟକ ୧୪ ଖଣ୍ଡ ଭୋଟ ରେ ବିଜୟୀ ହୋଇଥିଲେ । ସମ୍ପାଦକ ଭାବରେ ପ୍ରକାଶ କୁମାର ହାତୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଆଇନ ପରାମର୍ଶଦାତା ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା, ଉପଦେଷ୍ଟା ଦିଲ୍ଲୀପ କୁମାର ପଟ୍ଟନାୟକ, ଉପ-ସଭାପତି ଲଳିତ ମୋହନ ମହାପାତ୍ର ଓ ପ୍ରସନ୍ନ କୁମାର ପାଇକରାୟ, ଯୁଗ୍ମ ସମ୍ପାଦକ ସୟଦ ଲିୟାକତ ଅଲ୍ଲୀ ଓ ଅନସର ଅଲ୍ଲି, କୋଷାଧକ୍ଷ ଗୋପାଳକୃଷ୍ଣ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଜିତେନ୍ଦ୍ର କୁମାର ଭଞ୍ଜ, ଶୁଭକାନ୍ତ ମହାପାତ୍ର, ରାଜେଶ ଚନ୍ଦ୍ର ମହାନ୍ତି, ଇକବାଲ ଅହମ୍ମଦ ଓ ରାମଚନ୍ଦ୍ର ଜୁଝାରସିଂହ ଏବଂ ପ୍ରସାର ପ୍ରମୁଖ ଭାବେ ସନ୍ତୋଷ ଚୌଧୁରୀ ନିର୍ବାଚିତ ହୋଇଥିଲେ । ନିର୍ବାଚନ ଅଧିକାରୀଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ଭଞ୍ଜ ଏବଂ ପ୍ରଭାତ ପାଣିଗ୍ରାହୀ ତାଙ୍କୁ ଏଥିରେ ସହାୟତା କରିଥିଲେ ।

# ଏଆଇୟୁଟିୟୁସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ଖୋର୍ଦ୍ଧା,୨।୫(ସମିସ)

ଏଆଇୟୁଟିୟୁସି ଖୋର୍ଦ୍ଧା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି । ଶୁକ୍ରବାର ପୂର୍ବାହ୍ନରେ ଖୋର୍ଦ୍ଧା ନୁଆ ବସଷ୍ଟାଣ୍ଡ ଠାରୁ ଶ୍ରମିକମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ପରେ ଜେଲ୍ ରୋଡସ୍ଥିତ ଶ୍ୟାମ ମାଧବ ପାଠାଗାର ଠାରେ ଆୟୋଜିତ ସଭାରେ ଜିଲ୍ଲା ସାଂଗଠନିକ ସଭାପତି ଅଶୋକ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଏ.ଆଇ. ୟୁ.ଟି.ୟୁ.ସି. ରାଜ୍ୟ ଉପସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା କମ୍ରେଡ ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇ ଥିଲେ । ପରେ ସଂଗଠନ ର ଜିଲ୍ଲା କମିଟି ମେମ୍ବର କାର୍ତିକ ଘଡ଼େଇ ଆଲୋଚନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।




## ଶ୍ରୀରଙ୍ଗନାଥ ଦେବଙ୍କ ଚନ୍ଦନ ଲାଗି ବେଶ

**ବାଲୁଗାଁ, ୨।୫(ସମିସ):** ଜଗନ୍ନାଥ ସଂସ୍କୃତି ପରମ୍ପରା ଅନୁଯାୟୀ ଦେବା ଦେବୀମାନଙ୍କୁ ଉପସମ କରିବା ପାଇଁ ଚନ୍ଦନ ଲାଗି କରିବା ସହ ଜଳକ୍ରୀଡ଼ା କରାଉଛନ୍ତି ମାନବ ସମାଜ । ଏହି ପରିପ୍ରେକ୍ଷୀରେ ଗ୍ରୀଷ୍ମ ପ୍ରବାହର ଅକ୍ଷୟ ତୃତୀୟା ତିଥିଠାରୁ ଠାକୁରମାନଙ୍କୁ ଚନ୍ଦନ ଲାଗି କରାଯାଇ ଆସୁଅଛି । ଏହି ଚନ୍ଦନ ଯାତ୍ରା ଉପଲକ୍ଷେ ଗ୍ରାମାଞ୍ଚଳ ଓ ସହରାଂଚଳ ଉତ୍ସବ ମୁଖର ହୋଇ ପଡ଼ିଛି । ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ବୈଶାଖ ମାସ ଶୁକ୍ଳ ପକ୍ଷ ତଥା ପବିତ୍ର ଅକ୍ଷୟ ତୃତୀୟାଠାରୁ ଦୈନ ଦିନ ପ୍ରଭୁଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ଉପସମ ପାଇଁ ସନ୍ଧ୍ୟାରେ ଚନ୍ଦନ ପାଣି କୁଣ୍ଡରେ ସ୍ନାନ କରାଇ ଚନ୍ଦନ ଲାଗି ବେଶ ଅନୁଷ୍ଠିତ ହୋଇଛି । ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜୀଉମାନଙ୍କୁ ବେଶ କରିବା ସହ ନୀତି କାନ୍ତ କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଛନ୍ତି ।

## ବାଲିପାଟପୁର ରାମଲୀଳା ଆରମ୍ଭ

**ଭୂଷଣ୍ଡପୁର,୨।୫(ସମିସ):** ଟାଙ୍ଗୀ ବ୍ଲକର ବାଲିପାଟପୁର ଗ୍ରାମପଂଚାୟତର ଦୋଳପଡ଼ିଆ ଠାରେ ଏଠାକାର ପ୍ରତିଷ୍ଠିତ ରାମଲୀଳା ମହୋତ୍ସବ ଆରମ୍ଭ ହୋଇଛି । ଶ୍ରୀ ଶ୍ରୀ ରଘୁନାଥ ଦେବ ଯୁବ ନାଟ୍ୟ ପରିଷଦ ଦ୍ୱାରା ରାମାୟଣର ସାତକାଣ୍ଡରେ ଥିବା ବିଷୟ ବସ୍ତୁକୁ ନାଟକୀୟ ଢଙ୍ଗରେ ଏଠାରେ ପରିବେଷଣ କରାଯିବ । ସର୍ବ ପ୍ରଥମେ ସମସ୍ତ କଳାକାର ଏବଂ ସହଯୋଗୀ ସ୍ଥାନୀୟ ରଘୁନାଥ ଦେବ ଙ୍କ ମନ୍ଦିରରେ ଅଭିମନ୍ତ୍ରିତ ପଇତା ନେଇଥିଲେ । ଆଜିର ପ୍ରଥମ ଦିନରେ ରାମଲୀଳାର ବିଷୟ ବସ୍ତୁ ଆଧାରିତ ଅନନ୍ତ ଶୟନ ରେ ଦଶବତାର ପରିବେଷଣ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟ, ରଙ୍ଗନାଥ ବିଶ୍ୱାଳ, ବଳିଆ ପରିଡ଼ା, କାବୁ ସାହୁ, ଶତ୍ରୁଘନ ପ୍ରଧାନ, ବୁଟୁ ମହାରଣା, କାଶୀନାଥସାହୁ, ଭରତ ସାହୁ, ଛେଳୀଆ ପ୍ରଧାନ, ତ୍ରିଲୋଚନ ମହାରଣା, ରଙ୍କ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

